


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ସୋମବାର ୨୯ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 29 JANUARY 2024

Vol.No. 35 ■ No.28 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା



website : www.dhwanipratidhwani.net

email: pratidhwani.dhwani@gmail.com




# ଜାତୀୟତା, ସ୍ୱଦେଶପ୍ରୀତି ଓ ଦେଶର ଐକ୍ୟ ପାଇଁ ସଂକଳ୍ପ ନେବା : ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ

ପୁରୀ, ୨୮/୧ (ନି.ପ୍ର): ଆମ ଦେଶର ସମ୍ବିଧାନ ବିଶ୍ୱରେ ଅନନ୍ୟ।ସମୃଦ୍ଧ, ସାର୍ବଭୌମ, ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ନିଜର ପ୍ରତିଷ୍ଠା ବଜାୟ ରଖି ଆମ ଦେଶ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ବୋଲି କହିଛନ୍ତି ଇସ୍ପାତ, ଖଣି ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ। ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ ଗ୍ରାଉଣ୍ଡ ଠାରେ ପୁରୀ ଜିଲ୍ଲା ସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତୋଳନ, ପାରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ କରି ଶ୍ରୀ ମଲ୍ଲିକ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟରେ ବିକାଶର ଜୟଯାତ୍ରା ଜାରି ରହିଛି। ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ଥିର ଓ ଦୃଢ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସାମାଜିକ ସୁରକ୍ଷା, ଭିତିଭୂମି ବିକାଶ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଅଗ୍ରଗତି କରିଥିବାରୁ ସମଗ୍ର ବିଶ୍ୱରେ ରାଜ୍ୟକୁ ବିଭିନ୍ନ କ୍ଷେତ୍ରରେ ପ୍ରଶଂସା ମିଳିଛି। ଡ୍ରିଙ୍କ ଫ୍ରମ ଟ୍ୟାପ୍ ଯୋଜନା ମାଧ୍ୟମରେ ୨୪ ଘଂଟିଆ ପାନୀୟ ଜଳ ଯୋଗାଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲଥ୍ କାର୍ଡ ବ୍ୟବସ୍ଥା ସହ ମହିଳା ମାନଙ୍କ ଚିକିତ୍ସା ପାଇଁ ୧୦ ଲକ୍ଷ ଓ ପୁରୁଷ ମାନଙ୍କ ଚିକିତ୍ସା ପାଇଁ ୫ ଲକ୍ଷର ସ୍ୱାସ୍ଥ୍ୟ ବୀମା, ମିଶନ ଶକ୍ତି ମାଧ୍ୟମରେ ମହିଳା ମାନଙ୍କୁ ସ୍ୱାବଲମ୍ବନଶୀଳ, ଫାଇଭ-ଟି ମାଧ୍ୟମରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ, ଲକ୍ଷ୍ମୀ ବସସେବା ମାଧ୍ୟମରେ ସୁଗମ ପରିବହନ ବ୍ୟବସ୍ଥା ଉପଲବ୍ଧ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଯୁଗାନ୍ତକାରୀ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ। ସେହିପରି ବହୁମୁଖୀ ଯାନ ରହଣୀ ସ୍ଥଳ ଦ୍ୱାରା ପାର୍କିଂ ସମସ୍ୟାର ସମାଧାନ ସହ ସମଙ୍ଗ ପାର୍କିଂ ସ୍ଥଳ, ଶ୍ରୀ ସେତୁ, ଶ୍ରୀମାର୍ଗ ଗୋଟିଏ ଗୋଟିଏ ସମ୍ବଳ ଓ ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା ସୃଷ୍ଟି କରିଛି। ସେହିପରି ଉତ୍କଳମଣିଙ୍କ ସ୍ମୃତି ରକ୍ଷା ପାଇଁ ଜନ୍ମ ସ୍ଥାନ ସୁଆଣ୍ଡୋର ବିକାଶ କରାଯାଇଛି। ତେଣୁ ଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟ ଅତିଥି ୨୧ ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନକୁ ମନ୍ତ୍ରୀ ଶ୍ରୀ ମଲ୍ଲିକ ପୁରସ୍କୃତ କରିଥିଲେ। ସେହିପରି ପ୍ୟାରେଡ଼ରେ ସିନିୟର ଡିଭିଜନ ଏନସିସିରେ ଏସ ସି ଏସ କଲେଜ, ଜୁନିୟର ଏନସିସିର ବାଳକ ବର୍ଗରେ ପୁରୀ ଜିଲ୍ଲା ସ୍କୁଲ ଓ ବାଳିକା ବର୍ଗରେ ଭୋଳାନାଥ ବିଦ୍ୟାପୀଠ, ସ୍କାଉଟରେ ଭାରତ ସେବାଶ୍ରମ ସଂଘ ପ୍ରଣବାନନ୍ଦ ବିଦ୍ୟା ମନ୍ଦିର, ଗାଇଡରେ ଡିଏଭି ପବ୍ଲିକ ସ୍କୁଲ, ସିଭିଲିଆନ ବାଳକ ବର୍ଗରେ ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର, ବାଳିକା ବର୍ଗରେ ସୁଖଲତା ମେମୋରିଆଲ ନୋଡ଼ାଲ ବାଳିକା ବିଦ୍ୟାଳୟ ଓ ଶୃଙ୍ଖଳାରେ ଘୋଡ଼ା ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗାଇଡ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟର ରୋଗୀ ମାନଙ୍କୁ ଫଳ ବଂଟନ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡକ୍ରସ ଶାଖା, ଭାରତ ବିକାଶ ପରିଷଦ, ବଡଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଏସପି ଡଃ. କନୱର ବିଶାଲ ସିଂ, ଭାରପ୍ରାପ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ. ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ତହସିଲଦାର ଅଭିଷେକ ଦାଶ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହର ମଧ୍ୟରେ ଡାକବାଜି ଯନ୍ତ୍ର ମାଧ୍ୟମରେ ରାମଧୂନ ପରିବେଷଣ କରାଯାଇଥିଲା। ଗାନ୍ଧୀ ଘାଟ ଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଓ କର୍ମଚାରୀ ମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ଅମୃତ ଋତୁରାଜଙ୍କୁ ବଦଳିକାଳୀନ ବିଦାୟ ସମ୍ବର୍ଦ୍ଧନା ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ କଲେକ୍ଟୋରେଟ୍ ଷ୍ଟାଫ୍ କମିଟି ପକ୍ଷରୁ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଭାବବିହ୍ୱଳ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଋତୁରାଜଙ୍କ କାର୍ଯ୍ୟକାଳ ମଧ୍ୟରେ ଭିନ୍ନକ୍ଷମ ସଶକ୍ତିକରଣ ବର୍ଗରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି କେନ୍ଦ୍ରାପଡ଼ା। ସୁକନ୍ୟା ସମୃଦ୍ଧି ଯୋଜନାରେ ସର୍ବାଧିକ ଝିଅଙ୍କ ନାମରେ ବ୍ୟାଙ୍କ ଖାତା ଖୋଲି ପୁରସ୍କୃତ ହୋଇଛି। ପୁରୁଣା ମେଡିକାଲ୍ ପରିସରରେ ଗଢ଼ିଉଠିଛି "ଭିନ୍ନକ୍ଷମ ଥଇଥାନ କେନ୍ଦ୍ର" ଯାହାକି ଦିବ୍ୟାଙ୍ଗ ମାନଙ୍କ ଜୀବନରେ ଆଣିପାରିବ ବୈପ୍ଳବିକ ପରିବର୍ତନ। ଜିଲ୍ଲାର ମା' ଭଉଣୀ ମାନଙ୍କୁ ସଶକ୍ତ କରିବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ୭୦୦କୋଟିର ବ୍ୟାଙ୍କ ଋଣ ମିଶନ ଶକ୍ତି ଜରିଆରେ ପ୍ରଦାନ କରାଯାଇଛି। ବଗପାଟିଆ ଠାରେ ଏକ ଥଇଥାନ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଛି ବିସ୍ଥାପିତ ଜନ ସାଧାରଣଙ୍କ ପାଇଁ। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଇଛାପୁର ନିକଟରେ ପ୍ରତିଷ୍ଠା ହୋଇଛି ନୂତନ ମେଡିକାଲ କ୍ୟାମ୍ପସ୍। ତାଙ୍କ ସମୟରେ ଜିଲ୍ଲା ସଂସ୍କୃତି ଭବନ କାର୍ଯ୍ୟକାରୀ ହୋଇପାରିଛି। ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ ଚନ୍ଦ୍ର ଦାସ, ସୂଚନା ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତିଙ୍କ ସମେତ ଡେପୁଟି କଲେକ୍ଟର, ବିଭିନ୍ନ ତହସିଲ୍ ଓ ବ୍ଲକ୍‌ର ତହସିଲଦାର ଓ ବିଡିଓ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଂଟର ନିର୍ବାହୀ ଯନ୍ତ୍ରୀ, କଲେକ୍ଟୋରେଟ୍ ଷ୍ଟାଫ୍ କମିଟିର କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟିତ

ଜୟପୁର, ୨୮/୧ (ନି.ପ୍ର): ନିୟନ୍ତ୍ରିତ ବଜାର କମିଟି ଜୟପୁର ଦ୍ୱାରା ନୂତନ ଧାନ କ୍ରୟ କେନ୍ଦ୍ର ନିର୍ମାଣ ହୋଇଛି । ଏହାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉଦଘାଟନ କରିଛନ୍ତି । ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ଫାମ୍ପୁଣି, ବଡ ଜିଉନା, କଙ୍ଗା, କୁମୁଲିପୁଟ, ରତାଳି ଠାରେ ଧାନ କ୍ରୟ କେନ୍ଦ୍ର ଉଦଘାଟିତ ହୋଇଛି । ଏଠାରେ ବିଧାୟକ ବାହିନିପତିଙ୍କ ସହ ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ଉପାଧ୍ୟକ୍ଷ ବାଲା ରାୟ, ନିର୍ଦ୍ଦେଶକ ଦେବେନ୍ଦ୍ର ବାହିନିପତି, ସମ୍ପାଦକ ଚନ୍ଦ୍ର ସେଠିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ମାଲକାନଗିରି, ୨୮/୧ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ବିଶାଲ ସିଂଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନୀତେଶ ୱାଧୱାନୀ, ବନଖଣ୍ଡ ଅଧିକାରୀ ପ୍ରତାପ କଙ୍ଚାପଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତ୍ରିନାଥ ମାଝୀ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ତପନ ନାରାୟଣ ରଥ ମଂଚାସିନ ଥିଲେ। ମାଲକାନଗିରି ଜିଲ୍ଲାରେ କାର୍ଯ୍ୟ କରିବା ସୌଭାଗ୍ୟର ବିଷୟ ଏବଂ ଏହି ଜିଲ୍ଲାରେ ଭଲ ଅଭିଜ୍ଞତା ମିଳିଛି ବୋଲି ଜିଲ୍ଲାପାଳ କହିବା ସହ ସମସ୍ତଙ୍କର ସହଯୋଗ ନିମନ୍ତେ କୃତଜ୍ଞତା ଜଣାଇଥିଲେ । ଉତମ ରୂପେ ନିଜର ଦକ୍ଷତା ପ୍ରତିପାଦନ କରିବା ପାଇଁ ସମସ୍ତ କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ଅଧିକାରୀ, ବିଡିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ।

# ସମ୍ବିଧାନ ହେଉଛି ଯେକୌଣସି ଦେଶ ପାଇଁ ସର୍ବୋଚ୍ଚ ଆଇନ

ବଲାଙ୍ଗିର, ୨୮/୧ (ନି.ପ୍ର): ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଜିଲ୍ଲା ମୁଖ୍ୟାଳୟ ରେ ଥିବା ମନୋହର ପୁର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଇଯାଇଛି। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ କୃଷି ଓ କୃଷକ ସଶକ୍ତିକରଣ ଓ ପ୍ରାଣୀ ସମ୍ପଦ ବିକାଶ ଓଡିଶା ସରକାର ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପତାକା ଉତୋଳନ କରି ଜିଲ୍ଲା ବାସୀଙ୍କ ପାଇଁ ଉଦବୋଧନ ଦେଇଥିଲେ। ତାଙ୍କ ଭାଷଣରେ ସେ ସ୍ୱାଧୀନତା ସଂଗ୍ରାମରେ ବଲାଙ୍ଗିର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ଙ୍କ ଭୂମିକା ଉଲ୍ଲେଖନୀୟ ବୋଲି କହିଥିଲେ । କପୁରଚନ ନାୟକ, ସୁରେନ୍ଦ୍ର ଠାକୁର, କୁଞ୍ଜ ବିହାରୀ ମେହେର, କପିଳେଶ୍ୱର ପ୍ରସାଦ ନନ୍ଦ, ସତ୍ୟାନନ୍ଦ ମିଶ୍ର, ଦିବାକର ବହିଦାର, ନରସିଂହ ପ୍ରସାଦ ନନ୍ଦ, ସ୍ୱପ୍ନାନନ୍ଦ ପାଣିଗ୍ରାହୀ, ଯୁଧିଷ୍ଠିର ମିଶ୍ର, ଯୋଗେଶ୍ୱର କୁମୁର, ଧ୍ରୁବ ନାଥ, ପୁରୁଷୋତମ ନାଥ, ଚିନ୍ତାମଣି ମିଶ୍ର, ଋଷି ଗଡତ୍ୟା, ଭାର୍ଗବୀ ଗୁରୁ, ଦଶରଥ ସାହୁ, ଯୁଗୋଳ କିଶୋର ନାଥ, ଆଠ ଗାଁ ଜମିଦାର ଧରମ ସିଂ ମାନ୍ଧତା ଭଳି ସଂଗ୍ରାମୀଙ୍କ ବଳିଦାନକୁ ଆଜି ସ୍ମରଣ କରିବାର ଦିନ ବୋଲି ସମ୍ବୋଧନ କରିଥିଲେ । ସମ୍ବିଧାନ ହେଉଛି ଯେକୌଣସି ଦେଶ ପାଇଁ ସର୍ବୋଚ୍ଚ ଆଇନ । ଏହି ଦିବସଟି ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ଯାହାକୁ ଗର୍ବ ଓ ଗୌରବର ସହ ପାଳନ କରୁଛୁ ବୋଲି ମୁଖ୍ୟ ଅତିଥି ଅଭିଭାଷଣ ଦେଇଥିଲେ । ଉଣେଇଶ ଶହ ପଚାଶ ମସିହା ଜାନୁଆରୀ ଛବିଶ ତାରିଖ ଦିନ ଭାରତ ଏକ ସାର୍ବଭୌମ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ରାଷ୍ଟ୍ର ହିସାବରେ ଘୋଷିତ ହୋଇଥିଲା । ଏହି ପବିତ୍ର ଦିନଟି ସଂକଳ୍ପ ଓ ଆତ୍ମସମୀକ୍ଷାର ଦିବସ ।ବିବିଧତା ମଧ୍ୟରେ ଏକତା ହେଉଛି ଦେଶର ପରିଚୟ । ଅନେକ ଜାତି, ଭାଷା, ଧର୍ମ, ବିଶ୍ୱାସ, ସଂସ୍କୃତି ଓ ପରମ୍ପରା ଦେଶକୁ ମହାନ୍ ଓ ସମୃଦ୍ଧ କରିଛି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସମସ୍ତଙ୍କୁ ସାଥୀରେ ନେଇ ଦେଶ ବହୁ ପଥ ଅତିକ୍ରମ କରି ବିକାଶ ଯାତ୍ରାରେ ଆଗେଇ ଚାଲିଛି । ଭାରତ ସମଗ୍ର ବିଶ୍ୱରେ ନିଜସ୍ୱ ଗଣତନ୍ତ୍ର ଓ ମୂଲ୍ୟବୋଧ ପାଇଁ ଉଚ୍ଚ ପ୍ରଶଂସିତ । ଗଣତନ୍ତ୍ର ଏକ ପରମ୍ପରା ଓ ଏହି ପରମ୍ପରାକୁ ବଜାୟ ରଖିବା ସମସ୍ତଙ୍କ ନୈତିକ ଦାୟିତ୍ୱ। ତେଣୁ ଏହାର ଟେକ ରଖିବା ସମସ୍ତଙ୍କ କର୍ତବ୍ୟ ବୋଲି କହିଥିଲେ। ନିଜ ଭାଷଣରେ ରାଣୀପୁର ଝରିଆଲ, ହରିଶଙ୍କର, ପାଟଣେଶ୍ୱରୀ ମନ୍ଦିର, କୁମୁଡ଼ା ପାହାଡ଼, ଭୀମ ଡୁଙ୍ଗୁରୀ, ଚଉଷଠି ଯୋଗିନୀ, ସଇଁତଳାର ଚଣ୍ଡୀ ମନ୍ଦିର ଆଦି ପର୍ଯ୍ୟଟନ କ୍ଷେତ୍ର ବର୍ତମାନ ପର୍ଯ୍ୟଟନ ମାନଚିତ୍ରରେ ବେଶ ଆଦୃତ ହୋଇଛି ବୋଲି କହିଥିଲେ । ଜିଲ୍ଲାର ଲୋକସଂସ୍କୃତି, ଲୋକକଳା, ଲୋକନୃତ୍ୟ, କୁଟୀର ଶିଳ୍ପ ବେଶ୍ ପ୍ରସିଦ୍ଧ । ଡାଲଖାଇ, ଦୁଲଦୁଲି, ରସରକେଲି, ଘୁମୁରା, ନଚନିଆ, ଦଣ୍ଡ, ମାଇଲାଯୋଡ଼ି, ଡାପ୍, କରମା ଆଦି ଲୋକନୃତ୍ୟ ସମଗ୍ର ଦେଶରେ ଅନନ୍ୟ ବୋଲି ମନ୍ତ୍ରୀ ଉକ୍ତି ରଖିଥିଲେ । ବଲାଙ୍ଗିର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ବଲାଙ୍ଗିରର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ବହୁବିଧ ବିକାଶ ମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି । ଜଳସେଚନ ନିମନ୍ତେ ବଲାଙ୍ଗିରର ଜୀବନ ରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ଡ୍ୟାମ ଓ ସ୍ପିଲୱେ, ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ନିମନ୍ତେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ସହ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ନିମନ୍ତେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ବଲାଙ୍ଗିର ଠାରେ ଅତ୍ୟାଧୁନିକ ବସ ଟର୍ମିନାଲ ପ୍ରତିଷ୍ଠା କରାଯାଇ ଉନ୍ନତ ମାନର ସୁବିଧା ଯୋଗାଇ ଦିଆଯାଇଛି । ସୁକତେଲ ପ୍ରକଳ୍ପ ବଲାଙ୍ଗିର ଜଳସେଚନ କ୍ଷେତ୍ର ଓ କୃଷି କ୍ଷେତ୍ରରେ ରୂପାନ୍ତର ଆଣିବ । ବଲାଙ୍ଗିର ସବୁବେଳେ ରାଜ୍ୟ ବିକାଶଧାରାର ଫୋକସ୍ରେ ରହିଛି । ବଲାଙ୍ଗିରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୨ ହଜାର ୫୨୫ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । କିଛି ଦିନ ପୂର୍ବେ ମାନ୍ୟବର ମୁଖ୍ୟମନ୍ତ୍ରୀ ୨ ହଜାର ୨ ଶହ ୨୦ କୋଟି ଟଙ୍କା ବ୍ୟୟରେ ୧୧୨ ଗୋଟି ଭିତିଭୂମି ପ୍ରକଳ୍ପ ପାଇଁ ଶୁଭ ଦେଇଛନ୍ତି । ୩୦୫ କୋଟି ଟଙ୍କା ବ୍ୟୟରେ ୬୯ଟି ଭିତିଭୂମି ପ୍ରକଳ୍ପର ଉଦ୍ଘାଟନ କରିଛନ୍ତି । ନଦୀଗୁଡ଼ିକରେ ସବୁଦିନ ପାଣି ମିଳିବାର ସୁବିଧା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୪ଟି ନଦୀଗର୍ଭ ଜଳାଶୟ ପ୍ରକଳ୍ପ କରାଯାଉଛି । ଏହିସବୁ ପ୍ରକଳ୍ପ ଦ୍ୱାରା ରାଜ୍ୟର କୃଷି କ୍ଷେତ୍ର ସମୃଦ୍ଧ ହେବ ଏବଂ ଚାଷୀଭାଇଭଉଣୀ ମାନଙ୍କର ରୋଜଗାର ବୃଦ୍ଧି ପାଇବ । ବଲାଙ୍ଗୀର ଜିଲ୍ଲା ତଥା ସମଗ୍ର ପଶ୍ଚିମ ଓଡିଶାର ପ୍ରସିଦ୍ଧ ହରିଶଙ୍କର ପୀଠ ସହିତ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଗୁଡିକରେ ରୂପାନ୍ତରଣ କାମ ଚାଲିଛି । ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଜିଲ୍ଲାର ବିଭିନ୍ନ ବ୍ଲକ ପାଇଁ ୧୪୮୬.୨ କୋଟି ଟଙ୍କାରେ ପ୍ରକଳ୍ପ କାମ ଆଗେଇ ଚାଲିଛି । ଦେଶ ମାତୃକର ସେବା କରିବାର ସୁଯୋଗ ମିଳିଥିବାରୁ ସମସ୍ତେ ନିଜକୁ ଧନ୍ୟ ମଣିବା ସହ ସଂସ୍କୃତି, ପରମ୍ପରା ତଥା ଐତିହ୍ୟକୁ ସର୍ବଦା ସମ୍ମାନ କରିବାକୁ ଚେଷ୍ଟିତ ରହିବା ବୋଲି ଉଦବୋଧନ ଦେବା ପରେ ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରି କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହା ପରେ ମେଡିକାଲ ଯାଇ ବିଭିନ୍ନ ୱାର୍ଡ ବୁଲି ଫଳ ଏବଂ ମିଠା ବାଂଟି, ଜେଲ୍ ରେ ଅନ୍ତେବାସୀଙ୍କୁ ମିଠା, ପୁଇଁତଳାରେ ଶାଢ଼ୀ ଓ ଲୁଙ୍ଗି ବଣ୍ଟନ କରି ସମାରୋହ ଶେଷ କରିଥିଲେ। ଶେଷରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଖେଳ ପ୍ରଶାସକ ଏକାଦଶ ଏବଂ ଗଣମାଧ୍ୟମ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଜିଲ୍ଲାପାଳ ଚଞ୍ଚଳ ରାଣା ଏବଂ ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରୀ ଦ୍ୟଂଦେଓ ମୁଖ୍ୟ ଅତିଥିଙ୍କ ସହ ଉପସ୍ଥିତ ଥିଲେ।

# ଧର୍ମଶାଳା ବିଜୁ ଯୁବ ଜନତା ଦଳ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ଧର୍ମଶାଳା, ୨୮/୧ (ନି.ପ୍ର): ପବିତ୍ର ୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ସବୁଠି ଉତ୍ସାହ ଦେଖିବାକୁ ମିଳିଥିଲା । ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଏହି ଦିବସ ପାଳିତ ହୋଇଯାଇଥିବା ବେଳେ ଯାଜପୁର ଜିଲା ଧର୍ମଶାଳା ବିଜୁ ଯୁବ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବିଶେଷ କରି ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ପରିବେଶକୁ ସୁସ୍ଥ ଓ ସରସ ସୁନ୍ଦର କରିବାକୁ ଉଦ୍ୟମ ଆରମ୍ଭ କରିଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପରାମର୍ଶ କ୍ରମେ ଜାରକା ବଜାରକୁ ସଫେଇ କରାଯାଇଛି । ଧର୍ମଶାଳା ବିଜୁ ଯୁବ ଜନତା ଦଳର ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସମସ୍ତ କର୍ମକର୍ତା ଓ ଯୁବ କର୍ମୀ ଏକତ୍ର ହୋଇ ଜାରକାସ୍ଥିତ ମୁଖ୍ୟ ବଜାର ଓ ବ୍ଲକ କାର୍ଯ୍ୟାଳୟ ପରିସରକୁ ସଫେଇ କରିଥିଲେ । କୁଢକୁଢ ଅଳିଆ ଅବର୍ଜନା ମହଜୁଦ ରହିଥିବା ଅଳିଆକୁ ସଫେଇ କରାଇ ସେହି ସ୍ଥାନମାନଙ୍କରେ ବ୍ଲିଚିଙ୍ଗ ପାଉଡର ପକାଯାଇଥିଲା । ଏହା ସହିତ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା ।

# ସ୍ତ୍ରୀକୁ ଯୌତୁକ ନିର୍ଯାତନା

ଜୟପୁର, ୨୮/୧ (ନି.ପ୍ର): ସ୍ତ୍ରୀକୁ ଯୌତୁକ ନିର୍ଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମହିଳା ପୋଲିସ ସୂଚନା ଅନୁଯାୟୀ କୋରାପୁଟ ନିଶାଣିମୁଣ୍ଡା ଅଂଚଳରେ ରହୁଥିବା ନିତୁ ହରିଜନ ଜୟପୁର ମହିଳା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ, ସେ ଗତ ୨୦୧୪ ମସିହାରେ କୁଷ ହରିଜନକୁ ବିବାହ କରିଥିଲେ । ତାଙ୍କର ଦୁଇଟି ସନ୍ତାନ ମଧ୍ୟ ରହିଛି । ବିବାହ ସମୟରେ ଯୌତୁକ ଆଣିଥିଲେ ।

# ଜାତୀୟ ସମର ଶିକ୍ଷାର୍ଥୀ ପଦାତିକ ବାହିନୀ ସମ୍ବର୍ଦ୍ଧିତ

ମାଲକାନଗିରି, ୨୮/୧ (ନି.ପ୍ର): ମାଲକାନଗିରି ପୋଲିସ ପ୍ରଶାସନ ତରଫରୁ ମାଲକାନଗିରି ମହାବିଦ୍ୟାଳୟ ବରିଷ୍ଠ ଭିଭାଗ ଏନ.ସି.ସି କ୍ୟାଡେଟ ମାନଙ୍କ ନିମନ୍ତେ ପୋଲିସ ସଭା ଗୃହରେ ଏକ ଆଡମ୍ବର ପୂର୍ଣ୍ଣ ସ୍ୱାଗତ ସମ୍ବର୍ଦ୍ଧନାର ଆୟୋଜନ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅଥିତି ରୂପେ ପୋଲିସ ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧାନି ଯୋଗଦାନ କରି କ୍ୟାଡେଟ ମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୋଲିସ ନିରୀକ୍ଷକ ତପନ କୁମାର ରଥ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଡି.ଏସ.ପି, ସତ୍ୟ ପ୍ରକାଶ ଭୂୟାଁ, ଡି.ଏସ.ପି ମୁଖ୍ୟବକ୍ତା ଯଦୁନାଥ ଜେନା, (ଡି.ଆଇ.ଭି) ଉପଖଣ୍ଡୀୟ ପୋଲିସ ଅଧିକାରୀ ସଚିନ ପଟେଲ, ସମ୍ମାନିତ ଅତିଥି ରୂପେ ଯୋଗଦାନ କରି କ୍ୟାଡେଟ ମାନଙ୍କୁ ଏହିଭଳି ଭଲ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ଜିଲ୍ଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡ଼କ୍ଟର ରଞ୍ଜନ କୁମାର ସ୍ୱାଇଁ ଆଜିର ଏହିଭଳି ଏକ କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ଆୟୋଜନ କରିଥିବାରୁ ପୋଲିସ ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧାନୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ ୪୨ ଜଣଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବାରୁ କ୍ୟାଡେଟଙ୍କ ମଧ୍ୟରେ ଉତ୍ସାହ ଏବଂ ଆଗ୍ରହ ଦେଖିବାକୁ ମିଳିଛି। ପ୍ରକାଶ ଥାଉ କି, କ୍ୟାଡେଟ ମାନେ ମାଲ୍ୟବନ୍ତ ମହୋତ୍ସବ, ବଡଯାତ୍ରା, ସଡ଼କ ସୁରକ୍ଷା, ସାଇବର ଠକେଇ ପଦଯାତ୍ରା ଏପରିକି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସର୍ବଦା ମୁତୟନ ଥିବାରୁ ତାଙ୍କର କାର୍ଯ୍ୟ ଶୈଳୀକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ସଭାରେ ଛାତ୍ରମାନେ ମନଖୋଲାରେ ମତ ବିନିମୟ କରିଥିଲେ। କାର୍ଯ୍ୟକ୍ରମକୁ ଆସିଷ୍ଟାଂଟ କମାଣ୍ଡାଂଟ ଦକ୍ଷିଣ ମାରାଣ୍ଡି ଏବଂ ସଂରକ୍ଷିତ ପୋଲିସ ନିରୀକ୍ଷକ ସତ୍ୟପ୍ରିୟ ବିଶ୍ୱାଳ ସହଯୋଗ କରିଥିଲେ। ସଭା ଶେଷରେ ଏନ.ସି.ସି. ଅଧିକାରୀ ସୁଶାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ବୈଠକ

ଜୟପୁର, ୨୮/୧ (ନି.ପ୍ର): ସର୍ବଭାରତୀୟ ମେଡିକାଲ ସଂଘ ସଭାଗୃହ ଭୁବନେଶ୍ୱର ଠାରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଏକ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରବିନ୍ଦ୍ର ନାଥ ପ୍ରଧାନ ଆବାହକ ତଥା ଅତିରିକ୍ତ ସାଧାରଣ ସମ୍ପାଦକ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଜିଲ୍ଲାର ସଂଘ କର୍ମକର୍ତା ଓ ରାଜ୍ୟ ସଂଘର କର୍ମକର୍ତା ମାନେ ଏଥିରେ ଯୋଗଦାନ କରିଥିଲେ। ବ୍ରଜ କିଶୋର ନନ୍ଦ ସାଧାରଣ ସମ୍ପାଦକ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଓ ପ୍ରସନ୍ନ କୁମାର ତ୍ରିପାଠୀ କାର୍ଯ୍ୟକାରି ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଓ ଅନ୍ୟ କେତେକ କର୍ମକର୍ତା ଚାକିରିରୁ ଅବସର ଗ୍ରହଣ କରିବା ପରେ ସଂଗଠନ ଏକ ପ୍ରକାର ସୁପ୍ତ ହୋଇଯାଇଥିଲା। ଦୀର୍ଘ ୬ ବର୍ଷ କାଳ ସଂଘର ବୈଠକ ହୋଇନଥିଲା କି କୌଣସି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇନଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଆଜିର ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଲା ସୁପ୍ତ ଅବସ୍ଥାରେ ଥିବା ସଂଘକୁ ପୁଣିଥରେ ପୁନର୍ଗଠନ କରିବା ପାଇଁ ଦୃଢ଼ ପଦକ୍ଷେପ ନିଆଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି। ଉକ୍ତ ବୈଠକରେ ପୂର୍ବତନ ସାଧାରଣ ସମ୍ପାଦକ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଶ୍ରୀ ବ୍ରଜ କିଶୋର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ପ୍ରସନ୍ନ କୁମାର ତ୍ରିପାଠୀ ପୂର୍ବତନ କାର୍ଯ୍ୟକାରୀ ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ତଥା ପୂର୍ବତନ ସାଧାରଣ ସଂପାଦକ ଓଡ଼ିଶା ଅମଲା ସଂଘ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ନାରାୟଣ ଦାଶ୍ ମୁଖ୍ୟ ଉପଦେଷ୍ଟା ରାଜ୍ୟ ଓଡ଼ିଶା ଅମଲା ସଂଘ ତଥା ଅଧ୍ୟକ୍ଷ ରାଜ୍ୟ ମିଳିତ ଅମଲା ମଂଚ, ଜ୍ଞାନ ରଞ୍ଜନ ଦାସ ସଭାପତି ରାଜ୍ୟ ଓଡ଼ିଶା ଅମଲା ସଂଘ, ମଂଚାସିନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏତଦ୍ ବ୍ୟତୀତ ବିଭିନ୍ନ ସଂଗଠନର କର୍ମକର୍ତା ମାନେ ଯୋଗଦାନ କରିଥିଲେ। ମାଲକାନଗିରି ଜିଲ୍ଲାରୁ ଲକ୍ଷ୍ମୀ ନାରାୟଣ ସେଠୀ ଓଡ଼ିଶା ଅମଲା ସଂଘ ଅଧ୍ୟକ୍ଷ ମାଲକାନଗିରି ଜିଲ୍ଲା ଶାଖା ଯୋଗଦାନ କରିଥିବା ବେଳେ ଲକ୍ଷ୍ମୀ ନାରାୟଣ ଦାଶ୍ ବାଣିଜ୍ୟ କର ବିଭାଗୀୟ ଅଧିକାରୀ ଜୟପୁର ଯୋଗଦାନ କରିଥିଲେ। ଶଶୀଭୂଷଣ ଦାଶ ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ଯୋଗଦାନ କରିବା ସହିତ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ। କର୍ମଚାରୀ ମାନଙ୍କର ବକେୟା ପାଉଣା, ଯଥା ନୂତନ ବେତନ କମିଶନ ଆଧାର ବର୍ଦ୍ଧିତ ଘରଭଡ଼ା ପ୍ରଦାନ, କର୍ମଚାରୀ ମାନଙ୍କୁ ପୁରୁଣା ପେନସନ୍ ପ୍ରଦାନ, ମୃତ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ପୁର୍ଣ୍ଣା ନିୟମ ଅନୁଯାୟୀ ନିଯୁକ୍ତି, ବକେୟା ରହିଥିବା ମହଙ୍ଗା ଭତ୍ତା ପ୍ରଦାନ, ପୂର୍ବାନୁଯାୟୀ ଅର୍ଜିତ ଛୁଟିର ଦରମା ପ୍ରଦାନ ଓ ଯୋଗ୍ୟତା ଭିତିରେ ସମସ୍ତ କର୍ମଚାରୀଙ୍କୁ ଦରମା ପ୍ରଦାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଆସନ୍ତା ଫେବୃୟାରୀ ୨୪ ତାରିଖ ଦିନ ବ୍ରହ୍ମପୁର ଠାରେ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ କରି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିରର କର୍ମକର୍ତା ନିର୍ବାଚନ ଓ ଚୟନ କରିବା ପରେ ସରକାରଙ୍କୁ ଦାବି ପୁରଣ କରିବା ନିମନ୍ତେ ଚେତାବନୀ ଦିଆଯିବ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ।

# ଜିଲ୍ଲାର ୩ ବିଡିଓଙ୍କ ବଦଳିକୁ ନେଇ ତେଜୁଛି ଅସନ୍ତୋଷ: ଲାଠିକଟାରେ ଆନ୍ଦୋଳନ ଲାଗି ସଜବାଜ

ରାଉରକେଲା, ୨୮/୧ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାର ୩ ଜଣ ବିଡିଓ ମାତ୍ର ଅଳ୍ପ ଦିନ ତଳେ ନିଜ ନିଜ ଯାଗାରେ କାମ ଆରମ୍ଭ କରିଥିବା ବେଳେ ରାଜ୍ୟ ସରକାର ପୁଣି ସେମାନଙ୍କ ବଦଳି କରିଦେବା ନେଇ ସାଧାରଣରେ ଅସନ୍ତୋଷ ବ୍ୟାପିବା ସହ ଲାଠିକଟା ବିଡିଓଙ୍କୁ ମାତ୍ର ୩ ମାସରେ ବଦଳି କରିଦେବା ଘଟଣା ସମଗ୍ର ପଚାଂୟତରେ ଚର୍ଚ୍ଚାର ବିଷୟ ହେବା ସହ ଏନେଇ ମହିଳା ମାନେ ଆନ୍ଦୋଳନକୁ ଓହ୍ଲାଇବା ଲାଗି ସଜବାଜ ହେଉଥିବା ଖବର ମିଳିଛି । ଖବରରୁ ପ୍ରକାଶ ଯେ, ନିକଟରେ ରାଜ୍ୟ ସରକାର ୧୧୧ ଜଣ ଅଧିକାରୀଙ୍କୁ ବଦଳି କରିଛନ୍ତି, ସେମାନଙ୍କ ଭିତରେ ଜିଲ୍ଲାର ଟାଙ୍ଗରପାଲ୍ଲୀ, କୁତ୍ରା ଓ ଲାଠିକଟା ବିଡିଓଙ୍କର ନାମ ରହିଛି । ଏମାନଙ୍କର ମାତ୍ର କେଇମାସ ତଳେ ଏସବୁ ସ୍ଥାନକୁ ବଦଳି ହୋଇଥିଲା, ସେମାନେ ଆସିବା ପରେ ନିଜ ଜିନିଷ ପତ୍ର ମଧ୍ୟ ଠିକ ଭାବେ ବାହାର କରିନାହାନ୍ତି, ଲୋକଙ୍କ ସହ ମିଶି ଅଂଚଳକୁ ବୁଝି ନିଜର କାମକୁ ଆଗେଇ ନେଉଥିବା ବେଳେ ହଠାତ ଏହି ବଦଳି କରାଯାଇଛି । ଏହି ତିନୋଟି ବଦଳି ଭିତରେ ଥିବା ଲାଠିକଟା ବିଡିଓଙ୍କ ବିଷୟରେ ଯାହା ଜଣା ପଡିଛି, ସେ ଅକ୍ଟୋବର ୨୫ରେ ମୟୁରଭଂଜରୁ ବଦଳି ହୋଇ ଲାଠିକଟାକୁ ଆସିଥିଲେ। ତାଙ୍କର ଗୋଟିଏ ଛୋଟ ଛୁଆ ମଧ୍ୟ ରହିଛି। ସେ ଜଣେ ମହିଳା। ନିକଟରେ ଆଗାମୀ ନିର୍ବାଚନକୁ ନେଇ ସେ ତାଲିମ ନେଇ ମଧ୍ୟ ଫେରିଛନ୍ତି। ଏତିକି ବେଳେ ତାଙ୍କର ଏଠାରୁ ବଦଳି ହେବା କଥା ସାଧରଣରେ ଗ୍ରହଣୀୟ ହୋଇପାରୁନାହିଁ । ଖବରରୁ ଜଣାପଡିଛି ଯେ, ବିଡିଓ ଲାଠିକଟା ସାଧାରଣ ଲୋକଙ୍କ ସହ ମିଶିବା ସହ ସ୍ୱୟଂସହାୟକ ଗୋଷ୍ଠି ମାନଙ୍କ ସହ ମିଶି ସେମାନଙ୍କୁ କିଭଳି ଅଧିକରୁ ଅଧିକ ସାହାଜ୍ୟ ସହଯୋଗ କରାଯାଇ ପାରିବ, ବ୍ଲକ ଭିତରେ କେଉଁ ସବୁ କାମ ଅଟକି ରହିଛି, କେଉଁ ସବୁ କାମ ହେବ ସେ ନେଇ ତତ୍ପର ହେଉଥିବା ବେଳେ ଏଭଳି ବଦଳି ନେଇ ତାଙ୍କୁ ଜାଣିଥିବା ମହଲରେ ଆଲୋଚନାର ବିଷୟ ହୋଇଛି । ଏଭଳି ବଦଳିକୁ ନେଇ ସ୍ୱୟଂ ସହାୟକ ଗୋଷ୍ଠି, ମହିଳା ସଙ୍ଗଠନ ମାନେ ନିଜର ଅସନନ୍ତୋଷ ଭାବକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ଓ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଖବର ମିଳିଛି ।

ଅନ୍ୟ ଏକ ସୂତ୍ରରୁ ଜଣାପଡିଛି ଯେ, କିଛି ପଲିଟିକାଲ ଲୋକ ମାଡାମଙ୍କ ଉପରେ ଖପ୍ପା ହୋଇଛନ୍ତି, ସେମାନେ ମାଡାମଙ୍କ ବିଷୟରେ ଜିଲ୍ଲା ଠାରୁ ନେଇ ଉପର ମହଲରେ ଯାଏ ଗପି ଏଭଳି କାରବାର କରାଇବାରେ କୁଆଡେ ସମର୍ଥ ହୋଇଛନ୍ତି ବୋଲି କୁହାଯାଉଛି । ତେବେ କଥା ସାଧାରଣ, ସମସ୍ତେ ଅଫିସର, ସେମାନେ ପାଠ ପଢି ଚାକିରୀ କରିଛନ୍ତି, ତାଲିମ ମଧ୍ୟ ନେଇଛନ୍ତି, ତେଣୁ ଯୁଆଡେ ଜିବେ କାମ କରିବେ। କିନ୍ତୁ ସରକାରୀ ନିର୍ଦ୍ଦେଶରେ ମାତ୍ର ୨ରୁ ୩ ମାସ ତଳେ ଆସିଥିବା ଏହି ଅଧିକାରୀ ମାନଙ୍କୁ ଏଭଳି ବଦଳି କରିଦେଇ ଯେଉଁ ମାନଙ୍କୁ ଆଣିବେ ସେମାନେ କଣ ଅଧିକ କାମ କରିବେ ଏମାନେ କଣ କମ କଲେ ସେନେଇ ସାଧାରଣରେ ଉଠିଛି ପ୍ରଶ୍ନ । ଲାଠିକଟା ଜିଲ୍ଲାର ଏକ ବଡ ବ୍ଲକ, ଏଠାକୁ ଅନେକ କାମ ଆସେ ଓ ହୁଏ ତେଣୁ ଅନେକଙ୍କର ଏଠାରେ ନଜର ଥାଏ, ତେଣୁ ହୁଏତ ଏହି ମାମଲାରେ କାହାର କିଛି ଅସୁବିଧା ହୋଇଥାଇପାରେ ଯେଉଁଥିଲାଗି ୩ ମାସ ତଳେ ଆସିଥବା ଜଣେ ମହିଳା ବିଡିଓଙ୍କୁ ବଦଳି କରିଦିଆଯାଉଛି ବୋଲି ଆଲୋଚନା ଚାଲିଛି । ତେବେ ଏନେଇ ବିଡିଓ ଚାରୁଲତା ସିଂ ଙ୍କୁ ଯୋଗାଯୋଗ କରାଜିବାରୁ ସେ ବଦଳିକୁ ସ୍ୱୀକାର କରିଥିଲେ ।

# ନେସନ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୫୧ ୟୁନିଟ୍ ରକ୍ତ ସଂଗୃହୀତ

ଧର୍ମଶାଳା, ୨୮/୧ (ନି.ପ୍ର): ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଯାଜପୁର ଜିଲା ଧର୍ମଶାଳା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନେସନ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକସ୍ଥିତ ଦେଉଳି ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଧର୍ମଶାଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ ଉଦଘାଟନ କରିଥଲେ । ଏହି ଶିବିରରେ ଧର୍ମଶାଳା ବ୍ଲକ ପୂର୍ବତନ ସମିତି ଅଧ୍ୟକ୍ଷ କିଶାନ ପଣ୍ଡା, ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଜୟନ୍ତ କୁମାର ସାହୁ, ପ୍ରେସ୍ କ୍ଲବ ସଭାପତି ରମାକାନ୍ତ ଜେନା, ଇନରହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମିନତୀ ସାହୁ, କୃଷକ ନେତା ବସନ୍ତ ପରିଡା, ଯୁବ କଂଗ୍ରେସ ନେତା ମାନସ ରଂଜନ କର ଓ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ବିବେକାନନ୍ଦ ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଅଖିଳ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୫୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସୂଚନା ଥାଉକି, ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ନେସନ୍ ପକ୍ଷରୁ ପ୍ରଥମେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୯ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 29 JANUARY 2024

Vol.No. 35 ■ No.28 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ନବମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ନୀତୀଶ



ବିହାର, ୨୮/୧ : ବିହାର ରାଜନୀତିରେ ଘଡିକେ ଘୋଡ଼ା ଛୁଟୁଛି। ନୀତୀଶ କୁମାର ସକାଳେ ଇସ୍ତଫା ଦେଇଥିବା ବେଳେ ଏବେ ସନ୍ଧ୍ୟାରେ ଶପଥ ନେଇଛନ୍ତି। ୯ମ ଥର ପାଇଁ ବିବହାର ମୁଖ୍ୟମନ୍ତ୍ରୀ ଭାବେ ପୁଣି ଶପଥ ଗ୍ରହଣ କରିଛନ୍ତି ନୀତୀଶ କୁମାର। ରାଜଭବନରେ ତାଙ୍କୁ ରାଜ୍ୟପାଳ ପଦ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମହାମେଣ୍ଟକୁ ବାଏ ବାଏ କହି ଏନ୍ ?ଡିଏ ସମର୍ଥନରେ ସେ ପୁଣି ମୁଖ୍ୟମନ୍ତ୍ରୀ ଆସନରେ ବସିଛନ୍ତି। ତାଙ୍କ ସହ ଆଉ ୮ ଜଣ ମନ୍ତ୍ରୀ ମଧ ଶପଥ ନେଇଛନ୍ତି। ନୀତୀଶଙ୍କ ଏହି ଶପଥ ଗ୍ରହଣ ସମାରୋହରେ ବିଜେପି ସଭାପତି ଜେପି ନଡ୍ଡା ମଧ ଉପସ୍ଥିତ ଥିଲେ। ସମ୍ରାଟ ଚୌଧୁରୀ, ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଏମାନଙ୍କୁ ରାଜ୍ୟପାଳ ଶପଥ ପାଠ କରାଇଛନ୍ତି। କୁଶଓ୍ୱା ଜାତିର ଏବଂ ବିହାର ବିଜେପି ସଭାପତି ହେଉଛନ୍ତି ସମ୍ରାଟ ଚୌଧୁରୀ। ସେ ଭେଟେରାନ ନେତା ଶକୁନି ଚୌଧୁରୀଙ୍କ ପୁଅ ଅଟନ୍ତି। ସେହିଭଳି ଲାଖୀସରାଇ ଆସନରୁ ଚାରିଥର ବିଧାୟକ ହୋଇଥିବା ବିଜୟ ସିହ୍ନା ଭୁମିହାର ଜାତିର ପ୍ରତିନିଧିତ୍ୱ କରନ୍ତି। ସେ ବିହାରର ନୂତନ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ସେ ପୂର୍ବ ସରକାରରେ ଶ୍ରମ ମନ୍ତ୍ରୀ ଥିଲେ। ସେହିପରି କ୍ୟାବିନେଟ୍ ମନ୍ତ୍ରୀ ଭାବେ ପ୍ରେମ କୁମାର, ଶ୍ରବଣ କୁମାର, ସନ୍ତୋଷ କୁମାର ସୁମନ, ବିଜେନ୍ଦ୍ର ଯାଦବ, ସୁମିତ କୁମାର ସିଂହ ଶପଥ ନେଇଛନ୍ତି। ଔଉଟ ଓ ବିଜେପିରୁ ୩ ଜଣ ଲେଖାଏଁ, ଐଇଗରୁ ଜଣେ ଓ ଜଣେ ସ୍ୱାଧିନ ବିଧାୟକ ଶପଥ ନେଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ଆଜି ସକାଳେ ନୀତୀଶ କୁମାର ମହାମେଣ୍ଟକୁ ବାଏ ବାଏ କହି ବିହାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏହପରେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟି ଏନ୍ଡିଏ ସହ ମିଶି ସରକାର ଗଠନ କରିବାକୁ ଦାବି କରିଥିଲେ। ବିହାରରେ ସରକାର ଗଠନ ପାଇଁ କେବଳ ୧୨୨ ଜଣ ବିଧାୟକ ଆବଶ୍ୟକ। ତେବେ ନୂଆ ସରକାର ଗଢ଼ିବା ପାଇଁ ନୀତୀଶଙ୍କୁ ୧୨୮ ବିଧାୟକଙ୍କ ସମର୍ଥନ ରହିଛି। ଏଥିରେ ୭୮ ବିଜେପି, ୪୫ ଜେଡିୟୁ, ୪ ଐଇଗ (ହିନ୍ଦୁସ୍ତାନ ଆଓ୍ୱାମ ମୋର୍ଚ୍ଚା) ଓ ଜଣେ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଜଣାଇଛନ୍ତି।

## ବିଏସକେଓ୍ୱାଇ ନବୀନ କାର୍ଡ ପାଇଁ ଆବେଦନର ତାରିଖ ବଢ଼ିଲା




ଭୁବନେଶ୍ୱର, ୨୮/୧ (ନି.ପ୍ର): ବିଏସକେଓ୍ୱାଇ ନବୀନ କାର୍ଡ ପାଇଁ ପଂଜୀକରଣ କରିବାକୁ ଆବେଦନ କରାଯିବାର ଅନ୍ତିମ ତାରିଖକୁ ବଢାଇ ଦିଆଯାଇଛି । ଏବେ ଏହି କାର୍ଡ ପାଇଁ ଆଗାମୀ ଫେବୃଆରୀ ୮ ତାରିଖ ଯାଏ ଆବେଦନ କରିବ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସଚିବ ଶାଲିନୀ ପଣ୍ଡିତ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ. ଗ୍ରାମାଂଚଳର ଜଣେ ହେଲେ ଯୋଗ୍ୟ ବ୍ୟକ୍ତି ଯେପରି ଏହି ଯୋଜନାରୁ ବଂଚିତ ନ ହେବେ ତାକୁ ଆଖି ଆଗରେ ରଖି ଏହି ନିଷ୍ପତି ଗ୍ରହଣ କରାଯାଇଛି । ଏହି ଯୋଜନା ଓ ଆବେଦନ ପଂଜୀକରଣକୁ ନେଇ ପଂଚାୟତ ସ୍ତରରେ ସଚେତନତା ଅଭିଯାନ ଚଳାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ଜମ୍ମୁ-କାଶ୍ମୀରରେ ଆଗାମୀ ୨୪ ଘଂଟା ମଧ୍ୟରେ ବର୍ଷା ଓ ବରଫପାତ ସମ୍ଭାବନା

ନୂଆଦିଲ୍ଲୀ, ୨୮/୧ : ଜମ୍ମୁ-କାଶ୍ମିରରେ ଆଗାମୀ ୨୪ ଘଂଟା ମଧ୍ୟରେ ବର୍ଷା ଓ ବରଫପାତ ନେଇ ରବିବାର ପୂର୍ବାନୁମାନ କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର ଶ୍ରୀନଗର । ସେହିପରି ଗୁଲମର୍ଗର ସ୍କି ରିସୋର୍ଟ ସହିତ କେତେକ ସ୍ଥାନରେ ହାଲକା ବର୍ଷା ଏବଂ ବରଫପାତ ସହିତ ଆକାଶରେ ବାଦଲ ଛାଇ ହୋଇ ରହିଛି । ଯାହାଦ୍ୱାରା କାଶ୍ମୀର ଘାଟିର କେତେକ ସ୍ଥାନରେ ନ୍ୟୁନତମ ତାପମାତ୍ରାରେ ସୁଧାର ପରିଲକ୍ଷିତ ହୋଇଛି । ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ରବିବାର ଠାରୁ ଜମ୍ମୁ-କାଶ୍ମିରର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ ବରଫପାତ ହେବା ନେଇ ସମ୍ଭାବନା ରହିଛି ।

## ଆଜି ଓଡ଼ିଶା ଆସୁଛନ୍ତି ଖଡଗେ



ଭୁବନେଶ୍ୱର, ୨୮/୧ (ନି.ପ୍ର): ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସୁଛନ୍ତି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡଗେ। ଦିନ ୧୨ ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଁଚିବା ପରେ ଏକ ବିରାଟ ପଟୁଆରରେ ସେ ଲୋୟର ପିଏମଜିରେ ଆୟୋଜିତ ଓଡିଶା ବଞ୍ଚାଅ ସମାବେଶରେ ଯୋଗଦେବେ। ସମାବେଶରେ ଜିଲ୍ଲା ସଭାପତି, ବ୍ଲକ ସଭାପତି, ମଣ୍ଡଳ ସଭାପତି, ପଞ୍ଚାୟତ ସଭାପତିଙ୍କ ସହ ହଜାର ହଜାର କର୍ମୀ ଏବଂ ସାଧାରଣ ଲୋକଙ୍କୁ ଉଦବୋଧନ ଦେବେ ଖଡଗେ। ସମାବେଶ ପରେ କଂଗ୍ରେସର ବରିଷ୍ଠ ନେତା ଏବଂ ସହଯୋଗୀ ଦଳଙ୍କ ସହ ▶▶ପୃଷ୍ଠା ୭

## ୩ ପରେ ୧୦ ତାରିଖରେ ପୁଣି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୨୮/୧ (ନି.ପ୍ର): ଫେବ୍ରୁଆରୀ ୩ ତାରିଖରେ ସମ୍ବଲପୁର ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ସମ୍ବଲପୁର ସ୍ଥିତ ଆଇଆଇଏମ୍ର ସ୍ଥାୟୀ କ୍ୟାମ୍ପସ ଉଦ୍ଘାଟନ କରିବାକୁ ଆସିବେ। ଏହା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେବେ। ପୂର୍ବରୁ ଏହି ସୂଚନା ମିଳିଥିବା ବେଳେ ଆଜି ସୂଚନା ମିଳିଛି ଯେ ଫେବ୍ରୁଆରୀ ୧୦ ତାରିଖରେ ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ୧୦ରେ ଭୁବନେଶ୍ୱର ଆସିପାରନ୍ତି ପ୍ରଧାନମନ୍ତ୍ରୀ। ଭୁବନେଶ୍ୱରରେ ବିଶାଳ ମହିଳା ସମାବେଶରେ ଯୋଗଦେବାକୁ ଆସିପାରନ୍ତି ମୋଦି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସାରା ଦେଶରେ ଦୁଇଟି ବଡ଼ ବଡ଼ ମହିଳା ସମାବେଶ ଆୟୋଜନ ହେଉଛି। ଗୋଟିଏ ମଧ୍ୟପ୍ରଦେଶରେ ଏବଂ ଆଉ ଗୋଟିଏ ଓଡ଼ିଶାରେ ହେବ। ବିଜେଡି ମହିଳା ଭୋଟ ବ୍ୟାଙ୍କ ଭାଙ୍ଗିବାକୁ ବିଜେପିର ଏହା ଏକ ବଡ ଷ୍ଟ୍ରାଟେଜି। ସେଥିପାଇଁ ଭୁବନେଶ୍ୱରରେ ଫେବ୍ରୁଆରୀ ୧୦ତାରିଖରେ ବିଜେପି ଆୟୋଜନ କରୁଛି ବିଶାଳ ମହିଳା ସମାବେଶ। ଏଥିରେ ୨୫ ହଜାର ମହିଳା ଏକାଠି ହେବେ। ସମାବେଶରେ ମହିଳା ମାନଙ୍କୁ ଉଦବୋଧନ ଦେବେ ପ୍ରଧାନମନ୍ତ୍ରୀ।

## ବିବାହ ବନ୍ଧନରେ ବାନ୍ଧିହେଲେ ଚେସ୍ ତାରକା ପଦ୍ମିନୀ ରାଉତ



ଭୁବନେଶ୍ୱର, ୨୮/୧ (ନି.ପ୍ର): ହାତକୁ ଦି' ହାତ ହେଲେ ଓଡ଼ିଆ ଚେସ୍ ତାରକା ପଦ୍ମିନୀ ରାଉତ। ଆଜି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ଏହି ଇଣ୍ଟର ନ୍ୟାସନାଲ ମାଷ୍ଟର। ଭୁବନେଶ୍ୱରରେ ହିନ୍ଦୁ ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଛି। ସେ ମୁମ୍ବାଇର ଜୟକିଶିନ ମନାକାନୀଙ୍କୁ ବିବାହ କରିଛନ୍ତି। ▶▶ପୃଷ୍ଠା ୭

## ଆଦିବାସୀ ମେଳାରେ ବଢୁଛି ହର୍ବାଲ ଓ ହସ୍ତଶିଳ୍ପ ସାମଗ୍ରୀର ଚାହିଦା



ଭୁବନେଶ୍ୱର, ୨୮/୧ (ନି.ପ୍ର): ଆପଣ ଭାବୁଛନ୍ତି କି, ବାର୍ଷିକ ଆଦିବାସୀ ମେଳା ପ୍ରସିଦ୍ଧ କନ୍ଧମାଳ ହଳଦୀ ଏବଂ ମସଲା କେବଳ ଆପଣଙ୍କ ରୋଷେଇ ଘରେ ଆକର୍ଷଣୀୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି କରିବା ପାଇଁ ବିଭିନ୍ନ ଉପାଦାନ ଯୋଗାଇ ଥାଏ ? ତେବେ ଏ ବିଷୟରେ ଅଧିକରୁ ଅଧିକ ଜାଣିବାର ▶▶ପୃଷ୍ଠା ୭

## ଗୋଟିଏ ପରିବାରର ୫ ଲୋକଙ୍କ ପୋଡା ଶବ: ହତ୍ୟା ଆଶଙ୍କା

ବରେଲି, ୨୮/୧ (ନି.ପ୍ର): ଉତର ପ୍ରଦେଶର ବରେଲି ଜିଲ୍ଲା ସ୍ଥିତ ଏକ ଘରର ବନ୍ଦ କୋଠରୀରୁ ଦମ୍ପତି ସମେତ ୫ ଲୋକଙ୍କ ପୋଡା ଶବ ରବିବାର ସନ୍ଦିଗ୍ଧ ଅବସ୍ଥାରେ ମିଳିଛି । ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି କୋଠରୀର ବାହାରେ ତାଲା ପଡିଥିଲା । ସେମାନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକ ଆଶଙ୍କା କରୁଛନ୍ତି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବିଭାଗୀୟ ଅଧିକାରୀ ମାନଙ୍କୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ସନ୍ଦେହରେ ଇଣ୍ଡିଆ ମେଣ୍ଟର ଭବିଷ୍ୟତ



ନୂଆଦିଲ୍ଲୀ, ୨୮/୧ : ବିହାରରେ ଜାରି ରହିଥିବା ରାଜନୈତିକ ଡ୍ରାମାର ଅନ୍ତଘଟିଛି । ନୀତୀଶ କୁମାର ପୁଣି ଥରେ ଏନଡିଏରେ ସାମିଲ ହୋଇଛନ୍ତି । ବିଜେପି ଓ ସହଯୋଗୀ ଦଳ ସହ ମିଶି ସରକାର ଗଢ଼ିଛନ୍ତି । ଆଉ ନୀତୀଶ କୁମାରଙ୍କ ଏହି ପଦକ୍ଷେପ ଇଣ୍ଡିଆ ମେଣ୍ଟ ପାଇଁ ସବୁଠାରୁ ବଡ ଝଟକା ବୋଲି କୁହାଯାଉଛି । ଯାହାକି ସମଗ୍ର ଦେଶର ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। କେନ୍ଦ୍ରର ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଚାଲିଥିବା ଏନଡିଏ ସରକାରକୁ ଟକ୍କର ଦେବାକୁ, କଂଗ୍ରେସ ସମେତ ଦେଶର ୨୮ପ୍ରମୁଖ ରାଜନୈତିକ ମିଶି ଇଣ୍ଡିଆ ମେଣ୍ଟ ଗଠନ କରିଥିଲେ । କିନ୍ତୁ ଏହି ଇଣ୍ଡିଆ ମେଣ୍ଟର ଅନ୍ୟତମ ସୂତ୍ରଧର ଥିଲେ ନୀତୀଶ କୁମାର । ବିଜେପ ସହ ସମ୍ପର୍କ ତୁଟିବା ପରେ ନୀତୀଶ ରାଜ୍ୟ ରାଜ୍ୟ ବୁଲି ଆଞ୍ଚଳିକ ଦଳର ମୁଖ୍ୟମାନଙ୍କୁ ଭେଟିଥିଲେ । ବିରୋଧୀ ମେଣ୍ଟ ଗଠନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଗତବର୍ଷ ଜୁଲାଇ ୨୩ ତାରିଖରେ ୨୮ ବିରୋଧୀ ରାଜନୈତିକ ଦଳ ମିଶି 'ଇଣ୍ଡିଆ' ନାଁରେ ମେଣ୍ଟ ଗଠନ କରିଥିଲେ । କିନ୍ତୁ ବିଡମ୍ବନାର ବିଷୟ ସୂତ୍ରଧର ସାଜିଥିବା ନୀତୀଶ କୁମାର ନିଜେ ଇଣ୍ଡିଆ ମେଣ୍ଟ ଛାଡି ପୁଣି ବିଜେପି ସହ ମିଶିଛନ୍ତି । ନୀତୀଶ କୁମାର ଇଣ୍ଡିଆ ମେଣ୍ଟ ଛାଡି ଏନଡିଏରେ ସାମିଲ ହେବା ପରେ ବଦଳି ଯାଇଛି ରାଜନୈତିକ ସମୀକରଣ । ଇଣ୍ଡିଆ ମେଣ୍ଟର ଭବିଷ୍ୟତ କଣ ହେବ ସେ ନେଇ ରାଜନୈତିକ ସମୀକ୍ଷକ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । ନୀତୀଶଙ୍କ ପଦକ୍ଷେପ ସିଧାସଳଖ ଲୋକସଭା ନିର୍ବାଚନ ଓ ଜାତୀୟ ରାଜନୀତିକୁ ପ୍ରଭାବିତ କରିବ ଆଶଙ୍କା ପ୍ରକାଶ କରିଛନ୍ତି । ଅନ୍ୟପଟେ ନୀତୀଶଙ୍କ ପଦକ୍ଷେପକୁ ନେଇ ଆରମ୍ଭ ହୋଇଯାଇଛି ରାଜନୈତିକ ବୟାନବାଜି । ▶▶ପୃଷ୍ଠା ୭

## ଭୂକମ୍ପରେ ଦୋହଲିଲା ଗୁଜରାଟ

ଗୁଜରାଟ, ୨୮/୧: ଭୂମିକମ୍ପରେ ଦୋହଲିଲା ଗୁଜରାଟ। ଗୁଜରାଟର କଛ ଅଞ୍ଚଳରେ ଆଜି ଭୂକମ୍ପ ଝଟ୍କା ଅନୁଭୂତ ହୋଇଛି। ଏହାର ପ୍ରଭାବ ଅନେକ କ୍ଷେତ୍ରରେ ଦେଖିବାକୁ ମିଳିଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୦ ରେକର୍ଡ କରାଯାଇଛି। ଭୂକମ୍ପର କେନ୍ଦ୍ରସ୍ଥଳ ଭଚାଉ ଠାରୁ ଉତ୍ତର-ଉତ୍ତର-ପୂର୍ବରେ ୨୧ କିଲୋମିଟର ଦୂରରେ ଥିଲା। ଭୂକମ୍ପର ଝଟ୍କା ଅନୁଭୂତ ହେବା ମାତ୍ରେ ଲୋକେ ଭୟଭୀତ ହୋଇପଡିଥିଲେ। ସଙ୍ଗେ ସଙ୍ଗେ ଘରୁ ବାହାରକୁ ଚାଲି ଆସିଥିଲେ। ତେବେ ଭୂକମ୍ପ ଯୋଗୁ ଏଯାଏଁ କୌଣସି ପ୍ରକାରର କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ। ନିକଟରେ ଦିଲ୍ଲୀ-ଏନ୍ସିଆର, ପଞ୍ଜାବ ସମେତ ଚଣ୍ଡିଗଡ ଓ ଜମ୍ମୁକଶ୍ମୀର ଭୂକମ୍ପ ଯୋଗୁ ଦୋହଲି ଉଠିଥିଲା। ଏଠାରେ ଭୂକମ୍ପର ଝଟ୍କା ଦୀର୍ଘ ସମୟ ଯାଏଁ ଅନୁଭୂତ ହୋଇଥିଲା। ଭୂକମ୍ପ ଯୋଗୁ ଲୋକଙ୍କ ମଧରେ ଆତଙ୍କ ଖେଳି ଯାଇଥିଲା। ତୁରନ୍ତ ଲୋକେ ଘରୁ ଓ ଅଫିସ ବାହାରକୁ ଚାଲି ଆସିଥିଲେ। ଏହି ଭୂକମ୍ପର କେନ୍ଦ୍ରସ୍ଥଳର ଆଫଗାନିସ୍ତାନର ଫେଜାବାଦରେ ଥିଲା। ହିନ୍ଦୁକୁଶ ଅଞ୍ଚଳରେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୨ ରେକର୍ଡ କରାଯାଇଥିଲା।

## 'ନିର୍ବାଚନ ଏବଂ ଭାରତରେ ମତଦାନ ଆଚରଣ' ଶୀର୍ଷକ ଆଲୋଚନା ଚକ୍ର




ରୂପସା,୨୮/୧ ରୂପସା ନୀଳମଣି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ "ନିର୍ବାଚନ ଏବଂ ଭାରତରେ ମତଦାନ ଆଚରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଏହି ଆଲୋଚନାଚକ୍ରରେ ଅଧକ୍ଷତା କରି ଭାରତରେ ପ୍ରଚଳିତ ସୁଶାସନ ଏବଂ ଭୋଟଦାନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ବଡ଼ସାହି ପିଏସ କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ଼. ପ୍ରକାଶ ମହାପାତ୍ର ଯୋଗ ଦେଇ ଭାରତରେ ଦୁର୍ନୀତି ମୁକ୍ତ ଶାସନ ବ୍ୟବସ୍ଥା ଓ ଗଣତନ୍ତ୍ର କୁ ସୁଦୃଢ କରିବା ପାଇଁ ଭୋଟର ମାନେ ଅଧିକ ରୁ ଅଧିକ ମତଦାନ କରିବା ଆବଶ୍ୟକ ବୋଲି କହିଥିଲେ । ରାଜନୀତି ବିଭାଗର ବିଭାଗିୟ ମୁଖ୍ୟ ଡ. ତପନ କୁମାର ଦାସ ଅତିଥି ପରିଚୟ ପ୍ରଦାନ ପୂର୍ବକ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗାୟତ୍ରୀ ରଣା, ଇନ୍ଦ୍ରଜିତ ଦାସ,ରଶ୍ମୀରେଖ ସିଂଘ ଦେବସ୍ମିତା ସାହୁ, , ମୋନାଲିସା ହାତୀଙ୍କ ସମେତ ୧୮ ଜଣ ଛାତ୍ରୀ ଛାତ୍ର ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ । ରାଜନୀତି ବିଭାଗର ଅଧ୍ୟାପିକା ଅନ୍ନପୂର୍ଣ୍ଣା ରଣା ନୂତନ ଭୋଟର ମାନଙ୍କୁ ଭୋଟ ଦେବା ପାଇଁ ପରାମର୍ଶ ଦେବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ରାଜନୀତି ବିଭାଗର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଅର୍ଥନୀତି, ଓଡ଼ିଆ, ଇତିହାସ ବିଭାଗର ସମସ୍ତ ଛାତ୍ରୀ ଛାତ୍ର ଉପସ୍ଥିତ ରହି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ।

## ଅନୁଗୁଳରେ ଘନ କୁହୁଡ଼ି ଅନୁଭୂତ

ଅନୁଗୁଳ , ୨୮/୧ (ନି.ପ୍ର): ରାଜ୍ୟର ଗୋଟିଏ ସ୍ଥାନରେ ଘନ କୁହୁଡ଼ି ଅନୁଭୂତ ହୋଇଥିବା ବେଳେ ଅନ୍ୟ ୩ଟି ସ୍ଥାନରେ ଆଜି ସକାଳେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହୋଇଛି । ଅନୁଗୁଳରେ ଘନ କୁହୁଡ଼ି ଅନୁଭୂତ ହୋଇଛି । ଯାହାର ଦୃଶ୍ୟମାନ ଦୂରତା ୫୦ ମିଟରୁ ୨୦୦ ମିଟର ମଧ୍ୟରେ ରହିଛି । ସେହିପରି ବାରିପଦା, କେନ୍ଦୁଝର ଏବଂ ଭବାନୀପାଟଣାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଅନୁଭୂତ ହୋଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭଗବାନ ପର୍ଶୁରାମ ପ୍ରକଟିତ ହୁଅନ୍ତୁ



## ଉତ୍କଳାନନ୍ଦ ଅଜୟ କୁମାର ବେହେରା

> ପ୍ରଜାନୁଭଂଜକ ଶ୍ରୀରାମଙ୍କ ସହିତ ତାଙ୍କର ମୁକାବିଲା ସୀତା ବିବାହ ପର୍ବ ପରେ ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ହୋଇଥିଲା। ଲକ୍ଷ୍ମଣଙ୍କ ସହିତ ଗୁରୁତର ବାକ ବିତଣ୍ଡା ହେବାପରେ ପରୀକ୍ଷାରେ ଶ୍ରୀରାମ ଏପରି ଉତ୍ତର ଦେଲେ ଯାହା ପର୍ଶୁରାମ ଅବତାର କର୍ତ୍ତବ୍ୟ ସରିଛି ଏପରି ଭାବି ସେ ତତ ସମୟରୁ ମହେନ୍ଦ୍ର ପର୍ବତକୁ ତପସ୍ୟାକୁ ଚାଲିଗଲେ। ପର୍ଶୁରାମ ଶିବଙ୍କ କର ଓ ନିଜର ଘୋର ଇଚ୍ଛାଶକ୍ତିରେ ମୁକାବିଲା କରିବା ସେ କ୍ଷତ୍ରୀୟ ସଂହାର ଇତି କରିବା ସହିତ ତାଙ୍କର ଦୂରଗମନ ଶକ୍ତିଟିକୁ ସେ ଶ୍ରୀରାମଙ୍କ ଠାରୁ ମାଗି ନେଇଥିଲେ।

ସୁପ୍ତଚୀରଂଜିତ ତାଲିକାରେ ପର୍ଶୁରାମଙ୍କ ନାମ ରହିଛି ସେ କିନ୍ତୁ ଜଣେ ବିଷ୍ଣୁଙ୍କର ଜଣେ ଅବତାର। ସେ ବ୍ରାହ୍ମଣ କୁଳରେ ଜନ୍ମ ହୋଇ କ୍ଷତ୍ରୀୟ ସଂହାରକୁ ବାହାରି ୨୧ଥର ଭୂମିରେ ତତ୍କାଳ ରାଜାଶକ୍ତି ମାନଙ୍କୁ ନିଷ୍କ୍ରିୟ କରିଥିଲେ। ଯେଉଁ ଭୂମିକୁ ସେ କ୍ଷତ୍ରୀୟ ରାଜଶକ୍ତିକୁ ଫାର୍ଶା ଦ୍ୱାରା ହାନି କରୁଥିଲେ ସେ ସ୍ଥାନକୁ ଦିବ୍ୟ ବ୍ରାହ୍ମଣ କଶ୍ୟପଙ୍କୁ ଦାନ କରୁଥିଲେ। ପର୍ଶୁରାମଙ୍କ ହାତରେ ଥିବା ଦିବ୍ୟ ପରଶୁ (ଫାର୍ଶା) ଧ୍ୱଂସର ଅଧିକାରୀ ଦେବତା ରୁଦ୍ରଙ୍କୁ ଶାନ୍ତି କରି ପ୍ରାପ୍ତ ହୋଇଥିଲେ। ଫାର୍ଶାର ଅନ୍ୟ ନାମ ଟଙ୍କ ଆମ ଓଡ଼ିଶାରେ ଏକାମ୍ରକାନନ ଭୁବନେଶ୍ୱରରେ ଅଛି ଟଙ୍କପାଣି ରୋଡ଼। ଏହି ଏକାମ୍ରବନ ପ୍ରଭୁ ତ୍ରିଭୁବନେଶ୍ୱର ଲିଙ୍ଗରାଜ କ୍ଷେତ୍ର। ହୁଏତ ଏହି ତ୍ରିଭୁବନେଶ୍ୱର ଏଇଠାରେ ତପସ୍ୟାରେ ପର୍ଶୁରାମ ଠାରେ ସନ୍ତୋଷ ହୋଇ ଏଇ ଟଙ୍କ ତାଙ୍କୁ ପ୍ରଦାନ କରିଥିଲେ। ଧ୍ୱଂସକାରୀ ଦେବତାଙ୍କର ଶକ୍ତି ଏହି ଟଙ୍କ ଫାର୍ଶାରେ ନିହିତ ଥିବାରୁ ଅନ୍ୟାୟ ଅନିତିର ଶସନର ସେ ଅବସାନ ପାଇଁ ଯୁକ୍ତିଯୁକ୍ତ ପାତ୍ର ପର୍ଶୁରାମଙ୍କୁ ତ୍ରିଭୁବନେଶ୍ୱର ରୁଦ୍ର ପ୍ରଦାନ କରିଥିଲେ।

ଦିବ୍ୟଯଜ୍ଞର ଚରୁ ବଦଳରୁ ଏକ ବିଚିତ୍ର ସ୍ତର ଦୁଇ ମାଆଙ୍କ ଠାରୁ ଦୁଇ ସନ୍ତାନ ଜନ୍ମ ଲାଭ କରିଥିଲେ। ବ୍ରାହ୍ମଣ ପାଇଁ ଉଦ୍ଦିଷ୍ଟ ଚରୁ କ୍ଷତ୍ରୀୟ ନାରୀ ଭକ୍ଷଣ କରିଥିଲେ ଯାହା ବିଶ୍ୱାମିତ୍ରଙ୍କ ଜନ୍ମର କାରଣ ଆଉ କ୍ଷତ୍ରୀୟ ଉଦ୍ଦିଷ୍ଟ ଚରୁ ବ୍ରାହ୍ମଣ ପତ୍ନୀ ଖାଇ ଗର୍ଭବତୀ ହୋଇ ପର୍ଶୁରାମ ଜନ୍ମ ନେଇଥିଲେ ପରେ ବିଶ୍ୱାମିତ୍ର କ୍ଷତ୍ରୀୟ ଘରେ ଜନ୍ମ ହେଲେ। ପର୍ଶୁରାମ ତାଙ୍କ ଜୀବନ କାଳରେ ରାଜ ଅନ୍ୟାୟ ସହ୍ୟ କରିବାରେ ନଥିଲେ ଦେଶରେ ଅନେକ ଆଞ୍ଚଳିକ ଦେଶୀୟ ରାଜା ତତ୍କାଳ ଶାସନ କ୍ଷେତ୍ରରେ ଥିଲେ ଏମାନେ ମନୋଜ୍ଞ ଶାସନ ଚଳାଇ କେବଳ ନିଜକୁ ଭଲରେ ରଖିବା ପାଇଁ ପ୍ରଜାଙ୍କର ଦୁଃଖ ନବୁଝି ଅନ୍ୟାୟ କର ବସାଇ ପିଟୁଣୀଟାକ୍ସ ଆଦାୟ କରିବା ପାଇଁ ଅକଥନୀୟ ଅତ୍ୟାଚାର କରୁଥିଲେ। ରାଜଶକ୍ତି ଆଗରେ ପ୍ରଜାମାନେ ତ୍ରାହି ତ୍ରାହି ଡାକୁଥିଲେ। ପର୍ଶୁରାମ ଫାର୍ସ ଉଠାଇ ରାଜ ସଂହାରରେ ମନ ଦେଲେ ଏପରି ବଂଶାନୁକ୍ରମିକ ରାଜ ଶାସନକୁ ମଧ ଉତ୍ପାଟନ ନିଜକୁ କ୍ଷତ୍ରୀୟର ଉଚ୍ଚାରଣ କରିଚାଲିଥିଲେ। ହାତରେ ଅସ୍ତ୍ରଧରି ନିରୀହ ପ୍ରଜାଙ୍କୁ ହତ୍ୟା ଅକାରଣରେ ଛୋଟ ଛୋଟ ରାଜ ବିରୁଦ୍ଧ ଆଚରଣରେ ଗୁରୁତର ଦଣ୍ଡବିଧାନ କରିବା ଚାଲିଥିଲା। ରାଜାକୁ ମାରିଦେଲେ ରାଜ ସଂହାର କଲେ ରାଜାର ସୈନ୍ୟବଳ ହାନି କରିଦେଲେ ଯେ ପ୍ରଜା ଏ ଖୁସିରେ ରହିବେ ଏକଥା ତାଙ୍କୁ ଜଣା ପଡ଼ିବାରୁ ପର୍ଶୁରାମ ଖୋଜି ଖୋଜି ଦୁଷ୍ଟ ରାଜାଙ୍କ ପରିଚୟରେ ନିପାତ କରିଦେଲେ। ନିୟମ ରହିଛି ଯେ ରାଜାକୁ ପରାସ୍ତ ବା ଅନ୍ତ କରିବ ସେ ରାଜ୍ୟର ଅଧିକାରୀ ହେବ, ସେ ଯଦି ଚାହେଁ ତେବେ ରାଜ୍ୟଭାର ଅନ୍ୟକୁ ଅର୍ପଣ କରିପାରନ୍ତି। ଏଡା ଯୋଗ୍ୟକୁ ଅର୍ପଣ କରିବା ଚିନ୍ତନରେ କଶ୍ୟପ ଋଷିଙ୍କୁ ବାଛି ଦାନସୂତ୍ରରେ ବିଜୟ ଭୂମିକୁ ଦେଇଥିଲେ। ଏମିତି ୨୧ଥର ସେ ରାଜା ଖୋଜି ଖୋଜି ଯୁଦ୍ଧ ପାଇଁ ଆହ୍ୱାନ ଦେଇ ତାଙ୍କର ଅବସାନ ଘଟାଇ ଚାଲିଥିଲେ।

ରାଜାମାନେ ଜାଣିଲେ ପର୍ଶୁରାମଙ୍କ ମୁକାବିଲା ଅସମ୍ଭବ। ଅନେକ ତାଙ୍କର ଦେହଛପା ଦେଲେ, ଅନେକ ତାଙ୍କର ପୁତ୍ର ମାନଙ୍କୁ ଲୁଚାଇ ଦେଲେ ବିଶ୍ୱସ୍ତ ଘରେ ଛାଡ଼ି ଦେଲେ, ଋଷି ଆଶ୍ରମରେ ପିଲାଙ୍କୁ ଚାଲିଲେ ଏମିତି ଯୁଦ୍ଧ ଆହ୍ୱାନ ବେଳେ ଦଶରଥ ଭୀତ ହୋଇ ରାଣୀହଂସପୁର ଦେଇ ଚାଲିଗଲେ ସେ ଆତ୍ମ ପ୍ରକାଶ କରୁଥିଲେ ଯୁଦ୍ଧବାତିରଙ୍କୁ ପର୍ଶୁରାମ କ୍ଷତ୍ରୀୟ ବୋଲି ଛାଡ଼ି ଚାଲିଯାଉଥିଲେ। କ୍ଷତ୍ରୀୟ ଯୁଦ୍ଧରେ ପ୍ରାଣ ଗଲେବି ଯୁଦ୍ଧକୁ ଡରେ ନାହିଁ। କ୍ଷତ୍ରୀୟ ଦୁର୍ବଳକୁ ରକ୍ଷା ପାଇଁ ଅସ୍ତ୍ର ଉଠାନ୍ତି ସିନା ବୃଥା ରକ୍ତପାତକୁ ଅସ୍ତ୍ର କେବେ ଉଠାନ୍ତି ନାହିଁ। ପ୍ରଜା ରକ୍ଷଣ ରାଜଧର୍ମ। ଏଇ ରାଜଧର୍ମ ହାନିର ପରିସ୍ଥିତି ପାଇଁ ପର୍ଶୁରାମ ଅବତାର ଉଦ୍ଦିଷ୍ଟ। ଶିବ ଉପାସକ ପର୍ଶୁରାମଙ୍କ ଚିନ୍ତନରେ ରାଜଧର୍ମା ରକ୍ଷା ହିଁ ରାଜାଙ୍କର ମୂଳ କର୍ତ୍ତବ୍ୟ। ରାଜଧର୍ମ ସେତେବେଳେ ତଚ୍ଛନ୍ନ ସର୍ବତ୍ର ହେଉଥିଲା।

ପ୍ରଜାନୁଭଂଜକ ଶ୍ରୀରାମଙ୍କ ସହିତ ତାଙ୍କର ମୁକାବିଲା ସୀତା ବିବାହ ପର୍ବ ପରେ ପରେ ଶ୍ରୀରାମ ଲକ୍ଷ୍ମଣଙ୍କ ସହ ହୋଇଥିଲା। ଲକ୍ଷ୍ମଣଙ୍କ ସହିତ ଗୁରୁତର ବାକ ବିତଣ୍ଡା ହେବାପରେ ପରୀକ୍ଷାରେ ଶ୍ରୀରାମ ଏପରି ଉତ୍ତର ଦେଲେ ଯାହା ପର୍ଶୁରାମ ଅବତାର କର୍ତ୍ତବ୍ୟ ସରିଛି ଏପରି ଭାବି ସେ ତତ ସମୟରୁ ମହେନ୍ଦ୍ର ପର୍ବତକୁ ତପସ୍ୟାକୁ ଚାଲିଗଲେ। ପର୍ଶୁରାମ ଶିବଙ୍କ କର ଓ ନିଜର ଘୋର ଇଚ୍ଛାଶକ୍ତିରେ ମୁକାବିଲା କରିବା ସେ କ୍ଷତ୍ରୀୟ ସଂହାର ଇତି କରିବା ସହିତ ତାଙ୍କର ଦୂରଗମନ ଶକ୍ତିଟିକୁ ସେ ଶ୍ରୀରାମଙ୍କ ଠାରୁ ମାଗି ନେଇଥିଲେ। ଦାନ ଭୂମିରେ ରାତ୍ରୀ ଯାପନ ମନା ଏଇ ନିୟମରେ ସେ ତଦାପ୍ରହାରୀ ଦୋଷରୁ ମୁକ୍ତ ପାଇଁ ଏହି ଦୂରଗମନ ବିଦ୍ୟା ଆବଶ୍ୟକ କରିଥିଲେ। ଏହାଥିଲା ତାଙ୍କର ନିତ୍ୟ ଦର୍ଶନରେ ଲାଗିବା ଏକ ବିଶେଷ ଅଂଶ। ଦିନରେ ମହେନ୍ଦ୍ରରେ ତପସ୍ୟା ଆଦିକର୍ମ, ରାତ୍ରୀରେ ସମୁଦ୍ରରେ ଶୟନ, ସମୁଦ୍ର କେଉଁ ରାଜାଙ୍କର ମାଲିକାନା ନୁହେଁ। ଦିନେ ରାଜା ପ୍ରତାପରୁଦ୍ର ଦେବ ଶ୍ରୀଜଗନ୍ନାଥ ଦାଶଙ୍କ ବିଷୟରେ ଏକ ଗୁଜବ ଶୁଣି ତାଙ୍କୁ ରାଜ୍ୟରେ ନରହିବା କହିଥିଲେ, ଅଭିମାନୀ ଶ୍ରୀଜଗନ୍ନାଥ ଦାଶ ପ୍ରଭୁଙ୍କୁ ଚନ୍ଦନ ସେବାକାରୀ, ସେ ରାଜଧାନୀ ପୁରୀରେ ସହରର ରାଜ ଅଧିକଅତ ଭୂମିରେ ନରହି ମହୋଦଧି କୂଳରେ ପହଞ୍ଚି ତାଙ୍କୁ ସମୁଦ୍ରଙ୍କୁ ନିବେଦନ କରିବାକୁ ପଡ଼ିଥିଲା। ତାଙ୍କର ପ୍ରାର୍ଥନାରେ ସମୁଦ୍ର ତଟରୁ ସାତଲହଡ଼ିର ସୀମା ଯାଏ ପଛକୁ ଘୁଞ୍ଚି ଯାଇଥିଲା। ସେହି ଭୂମିରେ ଦାଶ ମହାଶୟ ପରିତ୍ୟକ୍ତ ଅଭଡ଼ା କୁଡୁଆର ବାଇହାଣ୍ଡିକୁ ଖଞ୍ଜି ଏକ ପର୍ବତ ଗୁମ୍ଫାପରି କୁଟୀର ନିର୍ମାଣ କରି ବାସ କରିଥିଲେ। ଏ ଭୂମି ସାଗର ରାଜାଙ୍କର ଦଖଲରେ ଥିଲା, ଯାହା ପ୍ରତାପ ରୁଦ୍ରଙ୍କ ନଥିଲା। ଏପରି ପର୍ଶୁରାମ ସେହି ସାଗର ତଟରେ ହିଁ ସାଗର ଲହଡ଼ି ଘୁଞ୍ଚି ଯିବା ସ୍ଥାନରେ ପ୍ରତ୍ୟେକ ରାତ୍ରୀ ବାସ କରୁଥିଲେ। ଓ ପରଦିନ ମହେନ୍ଦ୍ର ପର୍ବତକୁ ଦିନରେ ମହେନ୍ଦ୍ର ପର୍ବତକୁ ଫେରି ଯାଉଥିଲେ। ତାହା ଏବେ ବି ଚାଲିଛି କାରଣ ସେ ଚୀରଂଜିବୀ ଅଛନ୍ତି।

ଜଳାଧାର ବଣ୍ଟନ ପ୍ରକ୍ରିୟା ଏବେ ବି ରାଜ କାନୁନରେ ଅଭଙ୍ଗ ରହିଛି। ଜଳଧାର ଅଭଙ୍ଗ ଭାବରେ ଭାଇ ଭାଗରେ ରହିଛି। ପୋଖରୀ, କୂପରେ ସବୁ ଭାଇ ଭଉଣୀଙ୍କ ସମାନ ଅଧିକାର ରହିଛି। ତେବେ ରାଜ୍ୟ ରାଜ୍ୟ ଦେଶ ଦେଶ ମଧ୍ୟରେ ଜଳ ବିବାଦକୁ ସାଗର ମହାସାଗର ଦୁଇ ଦେଶ ମଧ୍ୟରେ ବଣ୍ଟନରେ କଳିତର୍କ ଲାଗି ଚାଲିଛି। ଯାହା ପୂର୍ବେ ନଥିଲା କଳିତର୍କ ଯୁଦ୍ଧର ରୂପ ନେଇ ଯାଉଛି। ମାମଲା ଲାଗିରହି ଜଳ ଏକ ମହାଭାରତ ଓ ଅନ୍ୟ ଚାରି ଭୂତ ପରି ରହେ। ଅକାଶ, ଜଳ, ମାଟି ଏବେ ବି କଳିର ଉତ୍ସ। କେବଳ ପବନ, ନିଆଁ ବଣ୍ଟା ଯାଇପାରିନାହିଁ।

+ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ମୋ: ୯୪୩୭୦୩୧୨୫୩

# ବିକଶିତ ଭାରତ, ଭାରତ- ଲୋକତନ୍ତ୍ରର ମାତୃକା

ସମ୍ବିଧାନ କେବଳ ଆଇନଜୀବୀମାନଙ୍କର ଏକ ଦସ୍ତାବିଜ ନୁହେଁ, ଏହା ଜୀବନର ଏକ ଯାନ ଏବଂ ଏହାର ଆତ୍ମା ସବୁବେଳେ ଯୁଗର ଆତ୍ମା'- ଏକଦା ଏହା କହିଥିଲେ ଭାରତୀୟ ସମ୍ବିଧାନର ମୁଖ୍ୟ ସ୍ଥପତି ଡକ୍ଟର ବିଆର୍ ଆମ୍ବେଦକର। ଆଉ ୧୯୫୦ରେ ଏଇ ସମ୍ବିଧାନକୁ ଗ୍ରହଣ କରିନେଇ ଦେଶକୁ ସେହି ଅନୁସାରେ ଚଳାଇବା ଭିତରେ ଅତିକ୍ରାନ୍ତ ହୋଇ ଯାଇଛି ସାଢ଼େ ସାତ ଦଶନ୍ଧି ; ଦେଶ ଆଜି ପାଳୁଛି ୭୫ତମ ସାଧାରଣତନ୍ତ୍ର ଦିବସ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ପାଇଁ ଏହାଠାରୁ ବଳି ଆନନ୍ଦର କଥା ଆଉ କିଛି ଥାଇ ନପାରେ, କାରଣ ସମାନ ସମୟରେ ବ୍ରିଟିଶ ଶାସକମାନଙ୍କ ହାତରୁ ସ୍ୱାଧୀନତା ଲାଭ କରିଥିବା ଅନେକ ଦେଶ ଏତେ ଦୀର୍ଘ ସମୟ ଧରି ଗଣତାନ୍ତ୍ରିକ ପଦ୍ଧତିରେ ଶାସନକୁ ବଜାୟ ରଖି ପାରି ନାହାନ୍ତି, ଏମିତିକି ସ୍ୱାଧୀନତା ପୂର୍ବର ଅଖଣ୍ଡ ଭାରତରୁ ବିଚ୍ଛିନ୍ନ ହୋଇ ଏକ ନୂଆ ଦେଶ ଭାବରେ ବିଶ୍ୱରେ ପରିଚିତି ଲାଭ କରିଥିବା ଆମର ପଡ଼ୋଶୀ ପାକିସ୍ତାନ ମଧ ନୁହେଁ। ସମୟାନ୍ତରରେ ଏହି ଦେଶ ସାମରିକ ଶାସକମାନଙ୍କ ହାତକୁ ଯାଇଛି। କିନ୍ତୁ ଭାରତରେ ଅଦ୍ୟାବଧି ଅବାଧ ଏବଂ ନିରପେକ୍ଷ ନିର୍ବାଚନ ଦ୍ୱାରା ନିର୍ବାଚିତ ଜନ ପ୍ରତିନିଧିମାନେ ଦେଶକୁ ଶାସନ କରି ଆସିଛନ୍ତି ଆପାତତଃ ଏକ ଶୃଙ୍ଖଳିତ ଢଙ୍ଗରେ। ପରିଣତିରେ ଦେଶ ଆଜି ସମଗ୍ର ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚିତି ତିଆରି କରି ପାରିଛି। ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠିତ ପ୍ୟାରେଡ୍‌ରେ ଏହାର ପ୍ରତିଫଳନ ଘଟିଥାଏ ପ୍ରଦର୍ଶିତ ବିଭିନ୍ନ ଦୃଶ୍ୟାବଳୀ ମାଧ୍ୟମରେ ଯେଉଁଥିରେ ପ୍ରଦର୍ଶନ କରାଯାଇଥାଏ ଭାରତର ସମୃଦ୍ଧ ପରମ୍ପରା, ସାଂସ୍କୃତିକ ଐତିହ୍ୟ, ରାଷ୍ଟ୍ରର ପ୍ରଗତି ଏବଂ ସଫଳତା ସହିତ ଭାରତୀୟ ସ୍ଥଳ ସେନା, ନୌସେନା ଏବଂ ବାୟୁ ସେନାର ସାମର୍ଥ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ପତାକା ଉତ୍ତୋଳନ ଏବଂ ଭାଷଣ ପ୍ରଦାନ ପରେ। ଚଳିତ ବର୍ଷ ସମସ୍ତ ମହିଳା ତ୍ରି-ସେବା ଏହି ପ୍ୟାରେଡ୍‌ରେ ପ୍ରଥମ ଥର ପାଇଁ ଅଂଶଗ୍ରହଣ କରୁଛନ୍ତି ଯାହା ମହିଳାମାନଙ୍କ ସଶକ୍ତିକରଣର ଏକ ଜ୍ୱଳନ୍ତ ଉଦାହରଣ। କେବଳ ଏତିକି ନୁହେଁ, ଚଳିତ ବର୍ଷ ପ୍ୟାରେଡ୍‌ରେ ମଧ ଅଂଶଗ୍ରହଣ କରୁଛନ୍ତି ଜଣେ ମହିଳା ଏୟାର ଟ୍ରାଫିକ୍ କଣ୍ଟ୍ରୋଲର ସ୍କ୍ୱାଡ୍ରନ୍ ଲିଡର ସୁମିତା ଯାଦବ ଯିଏକି ଫ୍ରାନ୍ସରେ ଫରାସୀ ବାଷ୍ଟିଲ ଡେ ପ୍ୟାରେଡ୍‌ରେ ଅଂଶଗ୍ରହଣ କରିଥିଲେ, ଯେଉଁ ଉତ୍ସବରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଥିଲେ ମୁଖ୍ୟ ଅତିଥି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସର ଅତିଥି ରୂପେ ଯୋଗ ଦେଉଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍। ଶ୍ରୀଯୁକ୍ତ ମାକ୍ରନ୍ ହେଉଛନ୍ତି ଷଷ୍ଠ ଫରାସୀ ନେତା ଯିଏକି ଭାରତର ଏହି ସମ୍ମାନଜନକ ବାର୍ଷିକ କାର୍ଯ୍ୟକ୍ରମରେ ଯୋଗଦାନ କରୁଛନ୍ତି। ଦେଶର ୭୫ତମ ସାଧାରଣତନ୍ତ୍ର ଦିବସ ଅନେକ ଦୃଷ୍ଟିରୁ ଅନନ୍ୟ ହେବା ସୁନିଶ୍ଚିତ, କାରଣ ଜଣେ ଯଦି ଅଶୀ ଦଶକକୁ ସ୍ମରଣ କରନ୍ତି, ତା'ହେଲେ ଅନାୟାସରେ ଜାଣି ପାରିବେ ଯେ ଦିନ ଥିଲା ଟେଲିଭିଜନ ମଧ୍ୟ ସିଂହଭାଗ ଭାରତୀୟଙ୍କ ପାଇଁ କଳ୍ପନାର ବାହାରେ ଥିଲା। ଆଜି କିନ୍ତୁ ଆମେ ପ୍ରବେଶ କରି ସାରିଛେ ମୋବାଇଲ, ଇଣ୍ଟରନେଟ୍‌ଠାରୁ ଆହୁରି ଆଗରେ ଡ୍ରୋନ୍ ଓ କୃତ୍ରିମ ଧୀମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନସ୍ (ଏଆଇ)ର ଯୁଗରେ। ସଙ୍ଗେ ସଙ୍ଗେ ବହନ କରି ଚାଲିଛେ ଆମର ସମୃଦ୍ଧ ପରମ୍ପରା ଓ ଐତିହ୍ୟକୁ ଯାହା ପାଇଁ ଭାରତ ସମଗ୍ର ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି। ଏଥିପାଇଁ ନିର୍ମିତ ପ୍ରଦର୍ଶନୀ ଦୃଶ୍ୟରେ ସାମିଲ ହୋଇଛି ଏକ ଭିଆର୍ ହେଡ୍‌ଟ୍ ବ୍ୟବହାର କରି ଜଣେ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଯିବା। ସଙ୍ଗେ ସଙ୍ଗେ ଲଜିଷ୍ଟିକସ୍ ଏବଂ ପ୍ରାଣୀଧନ ପରିଚାଳନା କ୍ଷେତ୍ରରେ ମଧ ଏଆଇର ଭୂମିକା ଉପରେ ଆଲୋକପାତ କରାଯାଇଛି। ଅର୍ଥାତ୍ ଏଆଇକୁ କିପରି ସର୍ବସାଧାରଣଙ୍କ କାମରେ ବ୍ୟବହାର କରାଯାଇ ପାରିବ, ତା' ଉପରେ ଗୁରୁତ୍ୱାରୋପ କରୁଛି ଭାରତ। ସେହିପରି ଗତ ବର୍ଷ ଚନ୍ଦ୍ରଯାନ-୩ ଜରିଆରେ ଭାରତ ହାସଲ କରିଥିବା ବିରଳ ସଫଳତାକୁ ମଧ ପ୍ରଦର୍ଶନ କରାଯାଉଛି ସାଧାରଣତନ୍ତ୍ର ପ୍ୟାରେଡ୍‌ରେ। ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ବିଶେଷ ଦିବସକୁ ପ୍ରତ୍ୟକ୍ଷ କରିବା ନିମନ୍ତେ ଦେଶର ବିଭିନ୍ନ ଭାଗରୁ ଆମନ୍ତ୍ରଣ କରାଯାଇଛି ଅତିଥି ଭାବରେ ପ୍ରାୟ ୧୩ ହଜାର ବ୍ୟକ୍ତିଙ୍କୁ ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଶୀର୍ଷସ୍ଥାନୀୟ ପ୍ରଦର୍ଶନ କରିଛନ୍ତି ଏବଂ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀ। ସରକାରଙ୍କ ଜନ ଭାଗିଦାରୀ ଦୃଷ୍ଟିକୋଣର ଏହା ଏକ ନିଚ୍ଛକ ପ୍ରତିଫଳନ। ୨୦୨୪ ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ର ବିଷୟବସ୍ତୁ ହେଉଛି 'ବିକଶିତ ଭାରତ' ଏବଂ 'ଭାରତ-ଲୋକତନ୍ତ୍ରର ମାତୃକା।' ଏହି ବିଷୟବସ୍ତୁକୁ ସାର୍ଥକ କରିବା ନିମନ୍ତେ ସରକାରଙ୍କ ତରଫରୁ କରାଯାଇଛି ସବୁ ପ୍ରକାରର ବନ୍ଦୋବସ୍ତ। ଓଡ଼ିଶାବାସୀଙ୍କ ପାଇଁ ସର୍ବାଧିକ ଗର୍ବ ଏବଂ ଗୌରବର ବିଷୟ ହେଉଛି, ରାଷ୍ଟ୍ରପତି ଭାବରେ ଓଡ଼ିଆ ମହିଳା ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହି ପବିତ୍ର ଅବସରରେ ଉତ୍ତୋଳନ କରିବେ ଜାତୀୟ ପତାକା ଯାହା ଭାରତକୁ ନାରୀଶକ୍ତିକୁ ଯଥାର୍ଥ ମର୍ଯ୍ୟାଦା ପ୍ରଦାନ କରୁଥିବା ରାଷ୍ଟ୍ର ଭାବରେ ବିଶ୍ୱ ବିଦିତ କରାଇବ। କହିବା ବାହୁଲ୍ୟ, ପ୍ରାଣୋଚ୍ଛଳ ଗ୍ରାମଗୁଡ଼ିକରୁ ବିଶେଷ ଅତିଥିମାନଙ୍କୁ ସାଧାରଣତନ୍ତ୍ର ଦିବସର ପ୍ୟାରେଡ୍ ଦେଖିବାକୁ ସରକାର ଆମନ୍ତ୍ରିତ କରିବାର ଅର୍ଥ ସେମାନଙ୍କ କଠିନ ଜୀବନଧାରଣ ପ୍ରଣାଳୀକୁ ଏକ ସ୍ୱୀକୃତି ପ୍ରଦାନ କରିବା ଏବଂ ଏହା ହିଁ ମହତ୍ତ୍ୱପୂର୍ଣ୍ଣ ଭାରତକୁ ଏକ ପ୍ରକୃତ ଗଣତନ୍ତ୍ରର ଜନନୀ ଭାବରେ ପ୍ରତିପାଦିତ କରିବା ପାଇଁ ପର୍ଯ୍ୟାପ୍ତ, କାରଣ- ଗଣତନ୍ତ୍ର ଲୋକମାନଙ୍କର, ଲୋକମାନଙ୍କ ପାଇଁ ଏବଂ ଲୋକମାନଙ୍କ ଦ୍ୱାରା।

# ମୁକ୍ତି ଚେତନାର ଗଣପର୍ବ ଛେରଛେରା

## ବୈଷ୍ଣବ ମେହେର



ପୌଷପୂର୍ଣ୍ଣିମା କୃଷି ସମ୍ବଳିତ ଏକ ସାମାଜିକ ଜନପର୍ବ କ୍ଷ ବିଶେଷ କରି ପଶ୍ଚିମ ଓଡ଼ିଶାର କୃଷକ ଓ କୃଷି ଶ୍ରମିକଙ୍କ ମଧ୍ୟରେ ଏହା 'ଛେରଛେରା ପୁନି' ଭାବରେ ବହୁଳ ଭାବରେ ଆଦୃତ କ୍ଷ ଉଲ୍ଲେଖନୀୟ ବିଷୟ ହେଲା ଛେରଛେରା ଏଭଳି ଏକ ପର୍ବ ଯେଉଁ ପର୍ବରେ କୌଣସି ଦେବୀ ଦେବତାର ପୂଜା କରାଯାଏ ନାହିଁ କିମ୍ବା ବ୍ରତ ଉପବାସ ରଖାଯାଏ ନାହିଁ। ପୌଷ ମାସରେ କୃଷକ ତା'ର ପରିଶ୍ରମଲବ୍ଧ ଫସଲକୁ ଅମଳ କରି ଘରକୁ ଆଣିଥାଏ କହିବାକୁ ଗଲେ ଚାଷକାର୍ଯ୍ୟର ଉଦଯାପନ ବେଳ ହିଁ ପୌଷ ପୂର୍ଣ୍ଣିମା। ଏହା କୃଷି ଶ୍ରମିକ ବା ଖାତକ ମାନଙ୍କ ପାଇଁ ବର୍ଷର ଶେଷଦିନ। ପୌଷ ପୂର୍ଣ୍ଣିମା ଦିନଠାରୁ ହଳିଆ, ମୂଳିଆ ମାନେ ଆପୋଷ ବୁଝାମଣା ରେ ପୁରୁଣା ମହାଜନ ପାଖରେ ପୁଣି ଗୋଟିଏ ବର୍ଷ ପାଇଁ ରହନ୍ତି କିମ୍ବା ନୂଆ ମହାଜନ ପାଖକୁ ନିଜ ଇଚ୍ଛାରେ ଯାଇ ପାରନ୍ତି। ଏହି ଦିନ ପୁରୁଣା ମହାଜନ ପାଖରେ ଥିବା ସମସ୍ତ ଚୁକ୍ତି ଅବା ବନ୍ଧନରୁ ସେମାନେ ମୁକ୍ତ ହୋଇ ଯାଉଥିବାରୁ ଏକ ବନ୍ଧନମୁକ୍ତ ଉଲ୍ଲସିତ ଜୀବନର ପରିପ୍ରକାଶ କରନ୍ତି ଛେରଛେରା ପର୍ବ ମାଧ୍ୟମରେ। ଫଳରେ ଘରେଘରେ ପିଠାପଣା, ଭୋଜିଭାତର ମଉଜ ମଜଲିସ୍ ଚାଲେ। ଅବଶ୍ୟ ଧୀରେଧୀରେ ଏହି ପର୍ବକୁ ଅନ୍ୟ ବର୍ଗର ଲୋକ ମଧ୍ୟ ପାଳନ କରିବାରେ ଲାଗିଲେ ଏବଂ ଏହା ଏକ ଗଣପର୍ବରେ ପରିଣତ ହୋଇଛି।

ଛେରଛେରା ଦିନ କୃଷି ଶ୍ରମିକ ନିୟୋଜନ କରିବାର ସାମାଜିକ ଧାରାଟିଏ ବହୁ ଆଗରୁ ଚଳି ଆସିଛି। ଏହି ଦିନ କୃଷି ଶ୍ରମିକ ମାନେ ନିଜର ପୁରୁଣା ମହାଜନଠାରୁ ମୁକ୍ତ ହେବାରୁ ଉଭୟ ମହାଜନକୁ ନୂଆଁ କରି ଶ୍ରମିକ ରଖିବା ଓ ଶ୍ରମିକକୁ ନୂଆ କରି ମହାଜନ ସହ ଚୁକ୍ତି ହେବାକୁ ପଡ଼େ। ବର୍ଷକ ପୁର୍ବରୁ ବାର ମାସର କାର୍ଯ୍ୟ ପାଇଁ ଯେଉଁ ପାରିଶ୍ରମିକ ଧାର୍ଯ୍ୟ ହୋଇଥାଏ ସେହି ଅନୁଯାୟୀ ଆଜିର ଦିନରେ ମହାଜନ ଠାରୁ ସମସ୍ତ ପାରିଶ୍ରମିକ ମିଳି ଯାଇଥାଏ। ଏହା ପରେ ମହାଜନ ଯଦି ସଂପୃକ୍ତ ଶ୍ରମିକର କାର୍ଯ୍ୟରେ ସନ୍ତୁଷ୍ଟ ରହିଥାନ୍ତି ତେବେ ପୁଣି ତାକୁ ରହିବାକୁ କହିଥାନ୍ତି। ସେହିଭଳି ଶ୍ରମିକ ମଧ୍ୟ ତାର ମହାଜନର ବ୍ୟବହାର ଅବା ଦେଉଥିବା ପାରିଶ୍ରମିକକୁ ନେଇ ସନ୍ତୁଷ୍ଟ ଥାଏ ତେବେ ସେ ମଧ୍ୟ ପୁଣି ଗୋଟିଏ ବର୍ଷ ରହିବାକୁ ଇଚ୍ଛା କରନ୍ତି। ଅନେକ କ୍ଷେତ୍ରରେ ଏହି ଦିନ ପାରିଶ୍ରମିକ ବଢ଼ାଇବା ପାଇଁ ମଧ୍ୟ ଶ୍ରମିକମାନେ ମହାଜନକୁ ଗୁହାରି କରିଥାନ୍ତି। କେତେକ କ୍ଷେତ୍ରରେ ଉଭୟଙ୍କ ମଧ୍ୟରେ ପାରିଶ୍ରମିକକୁ ନେଇ ମୂଲଚୂଲ ହେଉଥିବା ବେଳେ କେତେକ ସ୍ଥଳରେ ମହାଜନ ମାନେ ଭଲ କାର୍ଯ୍ୟ ଦେଖି ସ୍ୱଇଚ୍ଛାରେ ପାରିଶ୍ରମିକ ବଢ଼ାଇ ଦେଇଥାନ୍ତି। ପୁଣି କର୍ମଠ ଓ ସଚ୍ଚୋଟ ଶ୍ରମିକ ଦେଖି କିଛି ମହାଜନ ମାନେ ଅନ୍ୟ ପାଖରେ କାମ କରୁଥିବା ଶ୍ରମିକକୁ ନିଜେ ହାତେଇବାକୁ ଉଦ୍ୟମ କରନ୍ତି। ଅବଶ୍ୟ ଏଥିପାଇଁ ମହାଜନ ମାନଙ୍କୁ କିଛି ଅଧିକ ପାରିଶ୍ରମିକ କିମ୍ବା ଉପହାରର ଲୋଭ ଦେଖାଇବାକୁ ପଡ଼େ। ପୁନଶ୍ଚ ଏହିଦିନ ଆଉ ଏକ ସୁନ୍ଦର ପରମ୍ପରା ରହିଛି ଯାହା ସାମାଜିକ ସଦଭାବନାକୁ ଋଦ୍ଧିମନ୍ତ କରିଥାଏ। ମହାଜନ ତା'ର ଶ୍ରମିକର କାର୍ଯ୍ୟରେ ଖୁସି ଥାଉ ଅବା ନ ଥାଉ ଏହି ଦିନ ଏକ 'ପଡ଼ି' ନିଶ୍ଚିତ ଭାବରେ ଶ୍ରମିକକୁ ଦେବାକୁ ହୁଏ। ପଡ଼ି କହିଲେ ଧାନ, ଚାଉଳ, ଡାଲି, ପନିପରିବା ସହ ଛେରଛେରା ଉପଲକ୍ଷେ ଘରେ ସେଦିନ ତିଆରି ହୋଇଥିବା ପାରମ୍ପରିକ ପିଠା ପଣା, ରାଶି ଓ ଭୁଜାରେ ତିଆରି ଲଡ୍ଡୁ ଆଦିର ଏକ ଗଣ୍ଠୁଳିକୁ ବୁଝାଏ। ଏଥିସହ ପଡ଼ିରେ ଶ୍ରମିକ କିମ୍ବା ତାଙ୍କ ପତ୍ନୀ ଓ ପିଲାଛୁଆ ବ୍ୟବହାର କରିବା ଭଳି କିଛି ନୂତନ ବସ୍ତ୍ର ଓ ଛେରଛେରା ଖର୍ଚ୍ଚ ବାବଦ କିଛି ଅର୍ଥ ମଧ୍ୟ ରହିଥାଏ। ମହାଜନ ଯେଉଁ ଶ୍ରମିକକୁ ପୁଣି ଥରେ ରଖିବାକୁ ଚାହୁଁଥିବ ତାଙ୍କୁ ନିଜ ଆଡ଼କୁ ଟାଣିବାକୁ ପଡ଼ିରେ ଆହୁରି ମୂଲ୍ୟବାନ ସାମଗ୍ରୀ ମଧ୍ୟ ଦେଉଥିଲେ। ପଡ଼ି ପାଇ ଶ୍ରମିକମାନେ ଖୁସି ହେଉଥିଲେ। ବନ୍ଧନମୁକ୍ତ ଶ୍ରମିକମାନେ ଗୋଟିଏ ବର୍ଷର ଚୁକ୍ତିରୁ ମୁକ୍ତ ହୋଇ ସଂପୂର୍ଣ୍ଣ ସ୍ୱାଧୀନ ଭାବରେ ନିଜ ଘରକୁ ଯାଇ ପରିବାରରେ ଆଲୋଚନା ପରେ ପରବର୍ତ୍ତି ବର୍ଷେକ ପାଇଁ କେଉଁ ମହାଜନ ପାଖରେ ରହିବେ ତା'ହା ସ୍ଥିର କରୁଥିଲେ।

ଅନ୍ୟ ପକ୍ଷରେ ଦେଖିଲେ ଛେରଛେରାର ଅର୍ଥ ହେଉଛି ବିଦାୟ। ମହାଜନମାନେ କିଛି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଉପହାର ଭାବରେ ଦେଇ ପୁରୁଣା ଶ୍ରମିକକୁ ନିଜ କାର୍ଯ୍ୟରୁ ବିଦାୟ ଦେଉଥିବାରୁ ଏହି ପର୍ବକୁ ଛେରଛେରା କୁହାଯାଉଥିବା ମଧ୍ୟ ଅନୁମାନ କରାଯାଏ। ଛେରଛେରା ପର୍ବରେ ଅନ୍ୟକୁ କିଛି ଦେଇ ସନ୍ତୁଷ୍ଟ କରିବାର ପରମ୍ପରା ଥିବାରୁ ଏହି ଦିନ ଭୋରରୁ ଗାଁ ମାନଙ୍କରେ ଛୋଟ ପିଲା ମାନେ ଘରଘର ବୁଲି ଧାନ, ଚାଉଳ, ପିଠା ଲଡ୍ଡୁ, ଟଙ୍କା ପଇସା ଆଦି ସଂଗ୍ରହ କରିବା ଦେଖାଯାଏ। ପରେ ସେସବୁକୁ ସେମାନେ ଦଳଦଳ ହୋଇ ଭୋଜିଭାତ କରିଥାନ୍ତି। ଏହି ପର୍ବ ପାଳନ ଦିନ ସମସ୍ତେ ନିଜନିଜ ଅଭାବ ଅନଟନ ଓ ବନ୍ଧନଯୁକ୍ତ ଜୀବନର କଥା ଭୁଲିଯାଇ ନିଜକୁ ସହଜ ଓ ମୁକ୍ତ ଅନୁଭବ କରନ୍ତି। ତେଣୁ ଛେରଛେରା ନିଜକୁ ହଜେଇ ଦେବାର ଏକ ମହାର୍ଘ ପର୍ବ ଭଳି ଲାଗେ।

ଅବଶ୍ୟ ଅତ୍ୟାଧୁନିକତାର ଚରମ ପ୍ରଭାବ ଓ କମ୍ ସମୟରେ ଅଧିକ ଉପାର୍ଜନର ମାନସିକତା ଯୋଗୁଁ ସମଗ୍ର କୃଷି କ୍ଷେତ୍ର ବର୍ତ୍ତମାନ ମେସିନ ଦ୍ୱାରା କବଳିତ ହୋଇ ସାରିଛି। ଏଭଳି ସ୍ଥିତିରେ କୃଷକ ଓ କୃଷି ଶ୍ରମିକ ର ଏହି ଅନନ୍ୟ ଭାବଧାରାର ସ୍ରୋତ ଧୀରେଧୀରେ ଶୁଖି ଆସିଲାଣି। ତଥାପି ପୌଷପୂର୍ଣ୍ଣିମା ତିଥିରେ ପଶ୍ଚିମାଂଚଳରେ ଦଳଦଳ ହୋଇ ଛୋଟ ପିଲା ଠୁଁ ବଡ଼ ଯାଏ ଘରଘର ବୁଲି ଛେରଛେରା ଗୀତର ତାଳେତାଳେ ଆଜି ମଧ୍ୟ ଧାନ, ଚାଉଳ, ଟଙ୍କା ପଇସା ସହ ପିଠାପଣା, ଲଡ୍ଡୁ ଆଦି ସଂଗ୍ରହ କରି ପରେ ସାମୁହିକ ଭୋଜିଭାତ କରିବାର ଅନନ୍ୟ ପରମ୍ପରା ସାମାଜିକ ସଦଭାବନାକୁ ଏବେ ବି ଉଜ୍ଜିବିତ କରିରଖିଛି।

ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫




## ହେ ଈଶ୍ୱର !

### ବିନୟ କୁମାର ସାମଲ



ହେ ଈଶ୍ୱର !
ତୁମକୁ କଲି ମୁଁ ପ୍ରାର୍ଥନା,
ମନେ ଭରିଦେଲ କାମନା,
କାମନାର ଜାଲେ ଛଟପଟ ହୋଇ
ଭୋଗୁଛି କେତ ଯେ ଯନ୍ତ୍ରଣା।

ହେ ଈଶ୍ୱର !
ତୁମକୁ ମୁଁ କରେ ଯାଚନା,
କଢ଼ିନିଅ ମନୁ ଛଳନା,
ଛନ୍ଦ, କପଟ ଲୋଭ ମୋହ ମାୟା
ଫେଡ଼ କଳୁଷିତ ଭାବନା।

ହେ ଈଶ୍ୱର !
ତୁମ ପାଦେ କରେ ବନ୍ଦନା,
ହରି ନିଅ ଦୁଃଖ ଯାତନା
ଭରିଦିଅ ହୃଦେ ଦୟା କ୍ଷମା ପ୍ରେମ
କରିବି ମୁଁ ସତ୍ୟ ସାଧନା।

ବେଡାପଡ଼ା, ଢେଙ୍କାନାଳ
ମୋ:୯୭୭୭୯୨୯୪୩୮

## ହିରୋ

### ଜିତେନ୍ଦ୍ର ଚନ୍ଦ୍ର ସାହୁ



ସାଧନାର ଫଳ ମିଳଇ ଶେଷରେ
ହୋଇ ଶ୍ରେଷ୍ଠ ଉପହାର
ଅପୁର୍ବ ଆନନ୍ଦ ମିଳେ ପ୍ରତି କ୍ଷଣେ
ଏ ଦୁନିଆଁ ମଞ୍ଚରେ ତୋର।

ତିଳତିଳ କରି ଜାଳିଛି ଜୀବନ
ଆତ୍ମୀୟ ସୋଦର ଛାଡ଼ି
କିଏ ପୁଣି ଏଠି ହଜାଇ ଦେଇଛି
ନିଜ ଘର ଦ୍ୱାର ବାଡ଼ି।

ପାତି ଦେଇଛାତି ଗୁଳି କେ ଖାଇଛି
ଝୁଲିଛି କେ ଫାଶୀ ଖୁଣ୍ଟେ
ଦେଶର ସଜାଗ ପ୍ରହରୀ ରୂପରେ
ଦେଶ ପ୍ରେମ ଗୀତି କଣ୍ଠେ।

ସେବାରେ ମହାନ ଅବା ରାତି ଦିନ
ବାଧକାର ମୁଖେ ହସ
ଢାଳି ଦେଇଯାନ୍ତି ଜୀବନେ ଅମୃତ
ମିଳେ ଆଶୀର୍ବାଦ ସୁଖ।

ଶୀତ, ବର୍ଷା, ଖରା କାଦୁଅ ପାଣିକୁ
ଡିଳେ ନଥାଏ ଖାତର
ଭୋକିଲା ପେଟରେ ପୁରାଏ ଆହାର
ମିଳଇ ଶାନ୍ତି ଅପାର।

କର୍ମେ ଏକାଗ୍ରତା ହୁଅଇ ବିଜେତା
ସିଏ ଟି ହୀରୋ ଆମର
ତାଙ୍କ ପଥ ଧରି ହେବୁ ଯେବେ ପାରି
ସଂସାରେ ହୋଇବୁ ସାର।

ବସୋଇ, ପରଜଙ୍ଗ, ଢେଙ୍କାନାଳ
ମୋ: ୯୭୭୬୪୫୪୮୦୦

## ହୃଦୟର ଲୁହ

### ସନ୍ତୋଷ କୁମାର ଅଦାବର



ଧାର ଧାର ଲୁହ ଦେଖି ହୁଏ ସିନା
ନୟନରୁ ବୋହିଗଲେ
ହୃଦୟର ଲୁହ ଅନ୍ୟକୁ ଦିଶେନି
ଯେତେ ମଧ୍ୟ ଚେଷ୍ଟାକଲେ।
ଆଖି ଲୁହ ବୋହି ଶୁଖିଯାଏ ସିନା
ହୃଦ ଲୁହ ଶୁଖେ ନାହିଁ
ହୃଦୟ ଲୁହର ଶବଦ ଧ୍ୱନିକୁ
ଶୁଣି ଅଛି ଅବା କେହି
ଦୁଃଖ ଶୋକ ଯେତେ ଲୁହ ଭରିଦିଏ
ହୃଦୟର ପ୍ରତି କୋଣେ
ସେ ଲୁହ ଝରିଲେ ବାଟ ନ ମିଳଇ
ରହେ ଏକା ସେଇ ସ୍ଥାନେ।
ସୁଖର ପସରା ଭିଜି ଧୋଇ ହୁଏ
ହୃଦୟର ଲୁହଧାରେ
ତୁଚ୍ଛା କ୍ରୋଧ ଅଗ୍ନି ଲିଭେ
ଆପେଆପେ
ଅନ୍ତରର ଅଶ୍ରୁ ନୀରେ।
ହୃଦୟ ଲୁହକୁ ଭାଷାରେ ଶବ୍ଦରେ
ହୁଏନି କେବେ ବଖାଣି
ନିଜ ହୃଦୟର ଲୁହ କଥା ଭାଷା
ନିଜେ ହିଁ ପାରିବା ଜାଣି
ନିଜେ ହିଁ ପାରିବା ଜାଣି।

+ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

## ଲୀଳାଭୂମି

### ଡ. ଅନିଲ ନନ୍ଦ

ଅଛି, ସେମିତି ବସି ରହିଛି
ବୁଢ଼ୀ ଠାକୁରାଣୀ ଆସ୍ଥାନ ପାରି
ଯୁଗ ବଦଳିବାରେ ବିଚଳିତ ନହୋଇ।
ଆଖି ମୁନରେ
ଦୃଶ୍ୟାନ୍ତର ମାପି ପାରୁଥିବା ନର୍ତ୍ତକ
ଭାବେ କଣ !
ଖଣ୍ଡା ଧାରରେ ରକ୍ତର ସମୁଦ୍ର
ଗଢା ସରିଛି ମାନେ
କାଉଁରି ବିଦ୍ୟାରେ ବ୍ୟାଘ୍ରର ପରାକ୍ରମ
ଧୂଳିସାତ୍ ହେଇଛି ମାନେ
ପୃଥିବୀ ବଦଳି ସାରିଛି,
କେହିଜଣେ ରାତିକ ଭିତରେ
ଚଢ଼ା ଦରରେ କିଣି ସାରିଛି
ମେଦୁର ମେଘର ମଉଛବ
ସସାଗର ଧରା ବେଣୁସ୍ୱନ।
ସେମିତି କିଛି ଘଟି ନଥାଏ ସତରେ
ଋତୁମାନେ ଘୁଙ୍ଗୁର ବଜେଇ
ନିଜ ବାଟେ ଚାଲିଗଲା ବେଳେ
ମିଛ ପ୍ରେମରେ
ବାନ୍ଧି ହେଇ ପଡନ୍ତି ଦଣ୍ଡେ ପହରେ।
ପୃଥିବୀ ବଦଳି ନଥାଏ
କାହା ଅଧିକାର ତଳେ ଆଣ୍ଠୁମାଡ଼ି
ଆୟୁଷ୍ମାନ ଭିକ୍ଷା ମାଗିବାକୁ
ଘୂରୁଥାଏ ନିଜ କକ୍ଷ ପଥରେ
ବିଲୁପ୍ତ ଶାଗୁଣାଙ୍କୁ ମାସ୍କଟ କରି
ଦୟାର୍ଦ୍ର ଚିତ୍ତରେ ବାନ୍ଧି ରଖିବାକୁ
ଲିଭି ଯାଉଥିବା ଶବ୍ଦମାନଙ୍କ ସ୍ମୃତି।
ପୃଥିବୀ ଘୁରୁଥାଏ
ସକାଳ ପିଠିରେ ଖସି ପଡୁଥାଏ
କଅଁଳ ସୂର୍ଯ୍ୟ
ଏଣେତେଣେ ବୋହି ଯାଉଥାଏ
ଆଶାର କିରଣ।

+କ୍ୟାମ୍ପସ -୯, କିଟ୍,
ଭୁବନେଶ୍ୱର
ମୋ -୯୯୩୭୮୪୩୩୬୮

# ଦୁଃଖ ଜର୍ଜରିତ ଅବସର

ଅରୁଣ କୁମାର ତ୍ରିପାଠୀ





ଆରେ ମଉସା ଆପଣ ! ସହାସ୍ୟ ବଦନରେ ନୈନା କବାଟ ଖୋଲି ଅଭିବାଦନ ଜଣେଇଲା, ନମସ୍ତେ । ନମସ୍ତେ ବେଟା କହି ହରିଶ ବାବୁ ପ୍ରତି ଅଭିବାଦନ ଜଣେଇଲେ । ଆସନ୍ତୁ ନା ଭିତରକୁ , ଭିତରକୁ ଆସିବା ପୂର୍ବରୁ ହରିଶ ବାବୁ କହିଲେ, ଆଜି ଗୌତମର କିଛି କାମ ଥିଲା । ଘରଭଡ଼ା ପଇସା ନବାକୁ ତେଣୁ ସେ ମୋତେ ପଠେଇଦେଲା । ଆସନ୍ତୁ, ଆସନ୍ତୁ ଭତରକୁ ଆସନ୍ତୁ । ଥାଙ୍କ୍ୟୁ ସହକାରେ ହରିଶ ବାବୁ ଡ୍ରଇଂ ରୁମ୍ ସୋଫା ଆଡ଼କୁ ମୁହେଁଇଲେ । କଣ ନେବେ ମଉସା ? ଚାହା, କଫି ? ଏତିକି ବେଳେ ଫୋନ ରିଂ ବାଜିଲା ନୈନାଙ୍କର , ହରିଶ ବାବୁଙ୍କ କଥାଟି ଧିର ହେଇଯାଉଥିଲା ଫୋନ୍ ଶବ୍ଦର ଗୁଞ୍ଜରଣରେ...ମୋ ପାଇଁ ବେଟା ଟିକିଏ । ହାତ ଦେଖେଇ ଟିକିଏ ସମୟ ମାଗିନେଲା ନୈନା । ଅପ୍ରତ୍ୟାଶିତ ନଜର ରେ ଚାହିଁ ରହିଥିଲେ ହରିଶ ବାବୁ । ଫୋନ୍ ର କଥା ପୂର୍ଣ୍ଣତଃ ବାହାରକୁ ଶୁଣା ଯାଉଥାଏ । ନୁନି ବେଟା, ସୁରେଶ ବାବୁଙ୍କ ଆଗ୍ରହ ସହକାର କଥାକୁ ଆଡ଼େଇ ଦେଇ ନୈନା କହିଲା, କରୁଛି ଆପଣଙ୍କୁ ମୁଁ, କାମ କରୁଛି ଏବେ । ଆରେ ବେଟା, କଣ ଏମିତି କାମ କରୁଛୁ, ବିରକ୍ତିକୁ ଖାତିର ନକରି ଉତ୍ତର ଆସିଲା । ଆରେ ୟାର୍ ଜଗ ଟିକିଏ, କଥା ନଶୁଣି ଫୋନ୍ କାଟି ଦେଲା ନୈନା । ହଁ ମଉସା କୁହନ୍ତୁ, କଣ କହୁଥିଲେ । ବଡ଼ ବଡ଼ ଆଖିରେ କରୁଣା ପୂର୍ଣ୍ଣଥିଲା ହରିଶ ବାବୁଙ୍କର । ବାସ୍ ଗୋଟେ ଗିଲାସ ପାଣି ପିଏଇ ଦିଅ ବେଟା । ଆଚ୍ଛା । ଆଉ ସେ ଚେକ୍ ମଧ ଧରିକି ଆସୁଛି ଘରଭଡ଼ାର । ଆଖିରେ ଇସାରା ବ୍ୟକ୍ତ କରି କହିଲା ନୈନା । ଘର ଚାରିପଟେ ଆଖି ବୁଲେଇ ନେଉଥିଲେ ହରିଶ ବାବୁ । ଯଦିଓ ତାଙ୍କ ନିଜ ଘର ଥିଲା, କିନ୍ତୁ ନୈନାଙ୍କ ହାତର ଚମକରେ ଘରଟି ଅଳକାପୁରୀଠୁ କୌଣସି ଗୁଣରେ କମ୍ ଲାଗୁନଥିଲା । ହଁ ମଉସା ନିଅନ୍ତୁ କହି ସେ ପାଖ ସୋଫାରେ ଆସି ବସିଗଲା । କଥା କଣକି ମଉସା, ଗଲା ମାସରେ ଟ୍ରାଂଜାକ୍ସନ୍ ଏରର ଆସୁଥିଲା, ଏଣୁ ଭାବିଲୁ ଦି ମାସର ପଇସା ଚେକ୍ ରେ ହିଁ ଦେଇଦବୁ । ନାଇଁ ନାଇଁ ଠିକ୍ ଅଛି କହି ହରିଶ ବାବୁ ଚେକ୍ ଟିକୁ ପଢୁଥିଲେ । ସେ, ଏମିତି କଣ ଗୋଟେ କହିବାର ଚେଷ୍ଟା କରୁଥିଲେ ହରିଶ ବାବୁ, ଲମ୍ୱା ହଁରେ ନୈନା ପଚାରିଲା କ'ଣ ଅସୁବିଧା ଅଛି କି ମଉସା ଚେକ୍‌ରେ ? ନା ନା ବେଟା କିଛି ସମସ୍ୟା ନାହିଁ, ସେପଟୁ ପୁଣି ଥରେ ଫୋନ୍ ରିଂ ହେଲା , ଚୁଟୁକିରେ ହାତ ଦେଖେଇ ଫୋନ୍ ଉଠେଇଲା ନୈନା । କଣ ହେଲା ପାପା, ବାରମ୍ୱାର କାହିଁକି ହଇରାଣ କରୁଛ ଫୋନ୍ କରିକି , ପରେ କରୁଛି ନା । ବିରକ୍ତି ସହକାରେ କହିଲା ବେଳକୁ , କଥାକାଟି ସୁରେଶ ବାବୁ କହିଗଲେ, ବେଟା ଗୋଟିଏ ଜରୁରୀ କାମ ଅଛି ତମଠି । ତୁମେ କରିଦେବ କି ? ଆରେ ପରେ କରିଦେବି, ବିଜି ଅଛି ଏବେ, ଘରେ କେହି ଆସିଛନ୍ତି କହି ସୁରେଶ ବାବୁଙ୍କ କଥାକୁ ନଶୁଣି କାଟିଦେଲା ନୈନା । ଛେପ ଢୋକି କଥା ହେଇଯାଉନ୍ତୁ କୁ ଇସାରା ରେ କହୁଥିଲେ ସୁରେଶ ବାବୁ , କିନ୍ତୁ ନୈନାଙ୍କ ସେଥିପ୍ରତି ନଜର ନଥିଲା । ହଁ ମଉସା କୁହନ୍ତୁ କହି ସେ ସହାସ୍ୟ ବଦନରେ ପ୍ରତ୍ୟୁତ୍ତର ଚାହୁଁଥିଲା । ନା ନା ସେମିତି କିଛି ନାହିଁ ବେଟା କହି ମୁହଁ ତଳକୁ ପୋତି ପକାଉଥିଲେ ହରିଶ ବାବୁ । କଣ ହେଲା ମଉସା କହୁନାହାନ୍ତି କହି ଆଗ୍ରହ ଜନ୍ମାଉଥିଲା ନୈନା । ଆମକୁ କଣ ଲୁଚେଇବେ ଯେ । ଏତିକିରେ ଟିକିଏ ସାହସ ଜୁଟେଇ ହରିଶ ବାବୁ କହିଲେ, ବେଟା କଥା କଣ କି, ମୋତେ ତୁମର ଗୋଟିଏ ଛୋଟିଆ ସହାୟତା ଆବଶ୍ୟକ । ମୁଣ୍ଡ ଉପରୁ ତଳକୁ କରି ନୈନା କହିଲା, ହଁ ଆଜ୍ଞା କୁହନ୍ତୁ, କିପରି ସହାୟତା ଚାହୁଁଛନ୍ତି । ସେ....ଏତିକି ବେଳେ ପୁଣି ଫୋନ୍ ରିଂ ହେଲା । ବିରକ୍ତ ସହକାରେ ନୈନା କହିଚାଲିଲା, କିଭଳି ହଇରାଣ କରୁଛନ୍ତି ମୋତେ ଆପଣ, ଗୋଟେ ଥର କହିଲେ ଶୁଣା ଯାଉନି କି, ଜଣଙ୍କ ସହ କଥା ହଉଛି, କୋଉଠି ଗୋଟେ ବସିଛି, ପରେ କରୁଛି ଆପଣଙ୍କୁ ଫୋନ୍ ! ନୈନାର ବିରକ୍ତି ଯେତେ ଭୟଂକର ହେଇଥାଏ' ତା' ଠୁ କେତେ ଗୁଣା ଆଦର ସହକାରେ ସୁରେଶ ବାବୁ କହୁଥିଲେ, ଆରେ ବେଟା ମୋର କଥାଟା ତ ଶୁଣିନେ , ଆପଣଙ୍କୁ ପଛେ କଲ୍ କରୁଛି କହି ତାଙ୍କ ଆଦରକୁ ହତ୍ୟା କରିଚାଲିଥିଲା ନୈନା । ବିରକ୍ତି ସୂଚକ ମୁହଁକୁ ମୁରୁକି ହସରେ ବଦଳେଇ ଘରମାଲିକଙ୍କୁ ପୁଣି ପଚାରିଲା ନୈନ । ହଁ ମଉସା କୁହନ୍ତୁ ।

ସେ କିଛି ପଇସା ନଗଦ ଦରକାର ଥିଲା । ହଁ ଏହି ଚେକ୍ କୁ ଏନକେଶ୍ କରିଦିଅନ୍ତୁ ନା, ଆପଣଙ୍କୁ ବେଙ୍କ୍ ରୁ ମିଳିଯିବ । ନାହିଁ ୟା ଠୁ ଅଲଗା ଦରକାର, ଭରସା ଦେଇ କହିଗଲେ ହରିଶ ବାବୁ ଯେ, ସେ ପଇସା ଫେରେଇଦେବେ । ମୁଁ ପେନସନ ଆସିବା କ୍ଷଣି ଫେରେଇଦେବି । କେତେ ଦରକାର ? ଛେପ ଢୋକି, ମୁହଁକୁ ତଳକୁ କରି ହରିଶ ବାବୁ କହିଲେ, ବେଟା ମାତ୍ର ଦୁଇ ହଜାର ଟଙ୍କା ଆବଶ୍ୟକ , କିନ୍ତୁ ପ୍ଲିଜ୍ ଗୌତମକୁ ଏୟା କହିବେନି । କେବଳ ଦି ହଜାର ଟଙ୍କା ! ଆମେ ଯାହାଘରେ ଭଡ଼ାରେ ରହୁଛୁ, ତାଙ୍କୁ ଦିହଜାର ଟଙ୍କାର ଏମିତି କଣ ଆବଶ୍ୟକତା ପଡ଼ିଲା ! ପୋତିଥିବା ମୁଣ୍ଡକୁ ଉପରକୁ କରି କହିଲେ, ଆବଶ୍ୟକତା ଥିଲା ବେଟା, ଏଣୁ ମୁଁ ଆପଣଙ୍କୁ ମାଗିଲି । ମଉସା ଯଦି କିଛି ସମସ୍ୟା ଅଛି, ତେବେ ଆପଣ ମୋ ସହ ବାଣ୍ଟି ପାରିବେ, ନୈନାର ସ୍ୱରରେ କିଛି କାନ୍ଦ ଚାଲିଆସିଲାଣି ସେତେବେଳକୁ । ନା ସେମିତି କିଛି କଥା ନାହିଁ, ମୁଣ୍ଡକୁ ତଳକୁ ପୋତି ଉପରକୁ ଉଠେଇବା ପ୍ରୟାସରେ କହୁଥିଲେ ହରିଶ ବାବୁ, ଦେଇପାରିବ ବେଟା ? ମୁଁ ପେନସନ ଆସିବା ପରେ ପ୍ରଥମରେ ତୁମ ଉଧାର ପୈଠ କରିଦେବି । ମଉସା କୁହନ୍ତୁ ଯଦି କିଛି ସମସ୍ୟା ଅଛି । ଏହି କଥା ଦୁଇ ଥର ଶୁଣିବା ପରେ ଟିକିଏ ସହଜ ହେଇଗଲେ ହରିଶ ବାବୁ । କହିଚାଲିଲେ ଅନ୍ତର ମନର ବେଦନା । ବେଟା କଥା କଣ କି, ଆମଘରେ ଏବେ ସବୁ ଗୌତମ କଥାରେ ପରିଚାଳିତ ହେଉଛି । ଆଗରୁ ସମୟ ଟିକିଏ ଅଲଗା ଥିଲା, ଏବେ କିନ୍ତୁ ପୁରା ଅଲଗା ହେଇଯାଇଛି । ସେ ଛୁଆ ଥିବା ବେଳେ ତା' ଛୋଟ ଛୋଟ ଆବଶ୍ୟକତା ପରିପୂରଣ ଆମ ପାଇଁ ପ୍ରାଥମିକ କର୍ତ୍ତବ୍ୟ ଥିଲା, କିନ୍ତୁ ଏବେ ଆମର ଆବଶ୍ୟକତା, ମୋର ଏବଂ ତୁମ ମାଉସୀର ଛୋଟ ଛୋଟ ସଉକ ତାକୁ ବେକାର ଖର୍ଚ୍ଚ ଲାଗୁଛି । ସମୟ ବଦଳି ଯାଏ, କିନ୍ତୁ ଦୁଃଖ ଲାଗେ ଛୁଆ ମାନେ ବଦଳି ଯା'ନ୍ତି । ପିଲା ବେଳେ ମା' ବାପା ଛୁଆ ପରିସ୍ରା କରିଦେଇଥିବା ଶେଜରେ ପୁରା ରାତି ଉଁ ଚୁଁ ନକରି ଶୋଇଯା'ନ୍ତି, କିନ୍ତୁ ବୁଢାବୁଢ଼ିଙ୍କ ହାତରୁ ପାଣି ଗିଲାସ ତଳେ ପଡ଼ି ଚଟାଣ ଓଦା ହେଇଗଲେ ମହାପ୍ରଳୟ ହେଇଯାଉଛି । କେତେ ପରିଶ୍ରମରେ ପିତାମାତା ଛୁଆଙ୍କୁ ପାଳନ୍ତି, ଲୁହ ରକ୍ତ ଏକ କରି ! ସେମାନେ କୌଣସି ଘଣ୍ଟା, ସମୟ ଅବା କେଲେଣ୍ଡର୍ ଦେଖନ୍ତି ନାହିଁ, କିନ୍ତୁ ବୁଢାପାରେ ଛୁଆଙ୍କ ପାଖରେ କିଛି ସମୟ ନଥାଏ ପିତାମାତାଙ୍କ ସହ କଥାହେବା ପାଇଁ । ତାଙ୍କ ଦୁଃଖ ଶୁଣିବା ପାଇଁ । ପିଲାବେଳେ ଛୁଆଙ୍କ ଆଖିରେ ଧୂଳି ପଶିଗଲେ, ଫୁଙ୍କ ମାରିକି ପୁରା ଧୂଳି ବାହାର କରିବା ଯାଏ ପିତାମାତାଙ୍କ ନଜର ହଟେନି, କିନ୍ତୁ ବୁଢାପାରେ ସେମାନଙ୍କ ଆଖି ଦୁର୍ବଳ ହେଇଗଲେ, ଛୁଆଙ୍କ ପାଖରେ ସମୟ ନଥାଏ କି ପଇସା ମଧ ନଥାଏ । ଅତି ସନ୍ତର୍ପଣ ରେ ଦେଖୁଥିଲା ନୈନା, ଆଉ ଟିକିଏ ଗଲେ ଯେମିତି ଭୋ ଭୋ ହେଇ କାନ୍ଦି ଉଠିବ । ପୁଣି କହିଚାଲିଲେ ହରିଶ ବାବୁ । ସବୁଠୁ ଦୁଃଖର କଥା ଏୟା ହେଉଛି ଯେ ବେଟା, ଆଜି ଛୋଟ ଛୋଟ ଆବଶ୍ୟକତା ପରିପୂରଣ ପାଇଁ ଆମକୁ ବାହାରେ ହାତପତେଇବାକୁ ପଡୁଛି । କାନ୍ଦି ପକେଇ ଆଖି ଲୁଚେଇ ଲୁହ ପୋଛି ପକେଇଲେ ହରିଶ ବାବୁ । ପୁଣି କହିଚାଲିଲେ ହରିଶ ବାବୁ । ବେଟା କାଲି ଆମର ବିବାହ ସଂବତ୍ସର । ଭାବିଥିଲି, ତୋ ମାଉସୀ ଆଉ ମୁଁ ବାହାରୁ ବୁଲି ଆସିବୁ, ଟିକିଏ ସିନେମା ଦେଖିବୁ, କିଛି ସମୟ ମିଶିକି ବିତେଇବୁ । ଏବେ ଯଦି ଗୌତମକୁ ମୁଁ ଟଙ୍କା ମାଗୁଛି, ତେବେ ଯୁକ୍ତିତର୍କ ହେଇଯାଉଛି । ବହୁତ ସାରା ପ୍ରଶ୍ନ ଉଠୁଛି । ବୟସର ଉଦାହରଣ ଦିଆଯାଉଛି । ସକ ସକ ହେଇ ଛାତିକୁ ଆଉଁସି କହିଚାଲିଥିଲେ ହରିଶ ବାବୁ । ବେଟା ମୁଁ ପଇସା ଫେରେଇଦେବି, ମୁଁ ପଇସା ଫେରେଇଦେବି । କେବଳ କାଲିର ଦିନ ଆମପାଇଁ ଗୁରୁତ୍ୱପୂର୍ଣ୍ଣ, ବୋହିଚାଲିଥିଲା ବହୁତ ସାରା ଲୁହ । ସୂର୍ଯ୍ୟକିରଣରେ ଗ୍ଲେସିୟର ତରଳିବା ଭଳି, ନୈନାର ଗାଲରେ ମଧ ଦେଖିବାକୁ ମିଳିଲା ଲୁହର ଝରଣା । କୋହଭରା କଣ୍ଠରେ ସେ ଧିରେ କହିଦେଲା, ହଁ ମଉସା ପଇସା ଆଣି ଦଉଛି । ଲୁହ ପୋଛି ପଇସା ଆଣି ଧରେଇଲା ନୈନା । ଯିବାକୁ ପ୍ରସ୍ତୁତ ହେଇ ଥାଙ୍କ୍ୟୁ ବେଟା କହି ନମସ୍କାରାନ୍ତେ ନିଜ ବାଟରେ ଫେରିଗଲେ ହରିଶବାବୁ । ଖୁସିରେ ରହ ବେଟା କହି ଚାଲି ଯାଉଥିଲେ, ତାଙ୍କ ବାଟକୁ କଣେଇକି ଦେଖି ଏପଟେ ଫୋନ୍ ଧରିବାକୁ ବ୍ୟସ୍ତ ହେଉଥିଲା ନୈନା । ସେପଟେ କବାଟ ବନ୍ଦ ହେଲା ବେଳକୁ , ଆରପଟୁ ଫୋନ୍ ରେ ଶୁଣା ଗଲାଣି ହେଲା ନୈନା ବେଟା, ହେଲୋ ମା' ଆତୁରେ କହିଲା ନୈନା । ମମ୍ମି, ପାପା କାହାନ୍ତି, ସତେକି ପଞ୍ଜରାରେ ବନ୍ଦି ଥିବା ପକ୍ଷୀଟି ନୁଆଁରେ ଆକାଶ ପାଇଛି, ସେହିଭଳି ଆଗ୍ରହ ଥିଲା ନୈନାର ଉତ୍ସାହ ସ୍ୱରରେ । ଏବେ ଯାଏଁ ତ ତୁ ତାଙ୍କର ଫୋନ୍ କାଟି ଦେଉଥିଲୁ । ସେ ବସିଛନ୍ତି ଏଠି ମନଦୁଃଖରେ । ନେ କଥା ହେଇଯା । ନିଅ ହେ କଥା ହବ କହି ନୈନାର ମମ୍ମି କମଳା ଦେବୀ ସୁରେଶ ବାବୁଙ୍କୁ ଫୋନ୍ ବଢେଇଦେଲେ । ହଁ ନୁନି ବେଟା ! ହଁ ପାପା କଣ କହୁଥିଲେ,କାନ୍ଦୁଣୁ ମାନ୍ଦୁଣୁ ସ୍ୱରରେ ପଚାରୁଥିଲା ନୈନା ।କିଛି ନାହିଁ, ମୁଁ ଚଷମା ଦୋକାନରେ ଯାଇଥିଲି ତ, କିଛି ପଇସା ଉଣା ପଡୁଥିଲା । ଭାବୁଥିଲି ତୋତେ ପଚାରିଦେବି । ଚଷମା ନେଲେ ଆପଣ ? ମୁଁ ପୁରୁଣାରେ ହିଁ କାମ ଚଳେଇଦେବି କହି ଝିଅକୁ ବୁଝାଉଥିଲେ ସୁରେଶ ବାବୁ । ସେ ଚଷମାରେ ମୋତେ କମ୍ ଦେଖାଯାଉଛି, କିନ୍ତୁ ମୁଁ କାମ ଚଳେଇଦେବି । ଜୋର୍ ଜୋର୍ ରେ କାନ୍ଦି ଛାତିରେ ଫୋନ୍ ଟିକୁ ଚାପି ଧରିଲା ନୈନା । ସେପଟୁ ହାଲୋ, ହାଲୋ କହୁଥା'ନ୍ତି ସୁରେଶ ବାବୁ । ଲୁହ ପୋଛି ହାଲେ କହିଲା ନୈନା ; ସୁରେଶ ବାବୁ କହୁଥାନ୍ତି କେମିତି ଅଛୁ ତୁ ? ଆଉ ଜୋଇଁ କେମିତି ଅଛନ୍ତି ? ସବୁ ଠିକ୍ ଅଛନ୍ତି କହି ବହୁତ ଜୋର୍ ରେ ରଡ଼ି କରି କାନ୍ଦି ପକେଇଲା ନୈନା । ପାପା ମୁଁ ଏବେ ଆସୁଛି, ଆମେ ମିଶିକି ଯିବା ଚଷ ।


+ଜୟପୁର

ମୋ : ୯୦୭୮୮୩୮୬୨୭


ସିଦ୍ଧେଶ୍ୱର ତ୍ରିପାଠୀ

# ଲାଲ ସଲାମ



ଚାରିଆଡେ ପାହାଡ଼ ଜଙ୍ଗଲ ମଝିରେ ଗୋଟେ ପିଚୁରାସ୍ତା, ଯାହା ଲମ୍ୱିଛି ସହର ଆଡ଼କୁ । ପାହାଡ଼ ତଳେ ପାଞ୍ଚ ସାତଟି ଗାଁ ସେଇ ଭିତରୁ ଗୋଟେ ମାଧିପୁର । ଆଗରୁ କେତେ ଅସୁବିଧା ଥିଲା । ଏବେ କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କ ମାଳ ମାଳ ଯୋଜନାରେ ଗାଁ ବହୁତ ଆଗେଇଛି । ସୁନ୍ଦର ରାସ୍ତା ନଦୀ ଉପରେ ପୋଲ ଆଉ ରାସ୍ତା କଡ଼ରେ ଆଲୋକର ବ୍ୟବସ୍ଥା । ସ୍କୁଲ କଲେଜ ଡାକ୍ତରଖାନା କେତେ ନଳକୂପ ପୋଖରୀ କେନାଲ ସବୁ ସୁବିଧା ହେଇ ଯାଇଛି । ଗାଁ ପାଖରେ ମୋବାଇଲ ଟାୱାର ଦୁଇ ପଞ୍ଚାୟତରେ ଦୁଇଟା ପାର୍କ ଖେଳ ପଡିଆ ସବୁ ଚକାଚକ । ସେତବେଳ କଥା ଆଉ ନାହିଁ ।

ସରକାର ପରା ଗର୍ଭବତୀ ମହିଳାଙ୍କୁ ସୁଷମ ଖାଦ୍ୟରେ ଛତୁଆ ଅଣ୍ଡା ବାଦାମ କୋରା ରାଶି କୋରା କେତେ କ'ଣ ଦେଲେଣି । ଗରିବଙ୍କୁ ମାଗଣା ଚାଉଳ ପୁଣି ଦିବ୍ୟାଙ୍ଗ ଆଉ ବୃଦ୍ଧ ବୃଦ୍ଧାଙ୍କୁ ମାସିକ ଭତ୍ତା ଦେଉଛନ୍ତି । ମାଗଣା ଘର ପାଇଖାନା ସବୁ ମିଳୁଛି । ପିଲାଙ୍କୁ ମଧ୍ୟାହ୍ନ ଭୋଜନ ସ୍କୁଲ ଡ୍ରେସ ସାଇକେଲ ପଢ଼ା ବହି ଏମିତି କେତେ କ'ଣ ସବୁ ମିଳୁଛି । ଆଗରୁତ ରୋଗ ବୈରାଗ ହେଲେ ବାହାରକୁ ଯାଇ ହେଉ ନଥିଲା । ଡଙ୍ଗାରେ ଗଲେ ଘଡ଼ିଏ ଲାଗୁଥିଲା । ପୁଣି ଡାକ୍ତରୀ ଔଷଧ କୋଉ କିଣି ହେଉଥିଲା ଯେ, ଏବେ ସବୁ ଓସଦ ମାଗଣା । ଯେତେ ବଡ଼ ରୋଗ ହେଲେବି ମାଗଣାରେ ଲୋକ ଭଲ ହେଉଛନ୍ତି । ଏବେ ଫୋନ କଲେ ଗାଡି ଆସି ମାଗଣାରେ ରୋଗୀଙ୍କୁ ଡାକ୍ତରଖାନା ନେଇ ଔଷଧ ପତ୍ର ଦେଇ ପୁଣି ମାଗଣାରେ ଆଣି ଘରେ ଛାଡ଼ିଦେଇ ଯାଉଛି । ସ୍ୱୟଂ ସହାୟକ ଗୋଷ୍ଠୀରେ ମହିଳା ମାନଙ୍କୁ କମ୍ ଶୁଦ୍ଧରେ ଋଣ । ଛତୁ ଚାଷ ମାଛ ଚାଷ ଗୋ ପାଳନ ଧୂପକାଠି ଆଚାର ପାମ୍ପଡ଼ ତିଆରି କରିବା ସବୁ ଶିଖା ଯାଉଛି । ଏବେତ ଗାଁ'କୁ ସରକାରୀ ବସ୍ ଚାଲିଲାଣି । ମା ପେଟରେ ରହିବାଠୁ ମଶାଣୀରେ ଜଳିବା ଯାଏ ମଣିଷର ପ୍ରତି ମୁହୂର୍ତ୍ତକୁ ସଜାଡ଼ିବା ପାଇଁ କେନ୍ଦ୍ର ଆଉ ରାଜ୍ୟ ସରକାର କେତେ ଯୋଜନା କରିଛନ୍ତି ।

ଏଇ ଦେଖୁନ ଦିନ ମଜୁରିଆଙ୍କୁ କାମ ବେକାର ମାନଙ୍କୁ ନିଯୁକ୍ତି ଦେବାକୁ ନିଯୁକ୍ତି ମେଳା ସବୁତ ଚାଲିଛି । ହଁ ୟା ଭିତରେ କିଛି ୱାର୍ଡ ମେମ୍ବର ସରପଞ୍ଚ ଜିଲ୍ଲା ପରିଷଦ ବିଧାୟକ ସାଂସଦ ତାଙ୍କ ଭାଗ କିଛି ପାଉଥିବେ ନିଶ୍ଚୟ । ଆଉ ତହସିଲଦାର ବିଡ଼ିଓ ଜିଲ୍ଲାପାଳ ବି କିଛି କୋଉଠି କୋଉଠି ଠିକାଦାର ଆଉ ଚୋରା କାରବାରରୁ ପଇଶା ହାତୋଉ ଥିବେ । କେବେ କୋଉଠି କହି ହବନି । ଆଖ ପାଖ ଗାଁର ଗୁଡାଏ ପିଲା ସରକାରୀ ଚାକିରୀ ପାଇଲେଣି ବିଦେଶ ଗଲେଣି । ରାଜ୍ୟ ବାହାରେ ଦେଶ ବାହାରେ ନାଁ କଲେଣି ।

ସରକାର ଏତେ ସବୁ କଲାପରେ ବି ଏଇ ଅଞ୍ଚଳରୁ ଗୁଡାଏ ପିଲା ମାଓବାଦୀ ସାଙ୍ଗରେ ହାତ ମିଶେଇଛନ୍ତି । କେତେବେଳେ ପୋଲିସ ଉପରେ ଗୁଳି କେତେବେଳେ କିଛି ଲୋକଙ୍କୁ ପୋଲିସଙ୍କ ଗୁପ୍ତଚର ଭାବି ତାଙ୍କୁବି ଛାଡୁ ନାହାନ୍ତି ଏମାନେ । ଏଇ ଦେଖୁନ ପାତ୍ର ବାବୁଙ୍କ ପୁଅ ଅଭିଟା ଏତେ ପାଠ ଶାଠ ପଢି କେମିତି ମାଓବାଦୀ ହେଇଗଲା । ସବୁବେଳେ ଲୁଚି ଲୁଚି ଜଙ୍ଗଲରେ ରହୁଛି ସରକାରୀ ବିରୋଧୀ ସ୍ଲୋଗାନ ଲେଖି ସବୁଆଡେ ମାରୁଛି । ଦେଖୁନ କାଲି କେମିତି ନିଜ ଦାଦା ପୁଅ ଭାଇଟାକୁ ଗୁଳି କରି ମାରିଦେଲା । ଗଲାବର୍ଷ କ'ଣ ଲ୍ୟାଣ୍ଡମାଇନ ଲଗେଇଥିଲା ଯେ ଚାରିଜଣ ପୋଲିସ ସହିଦ ହେଇଗଲେ । ଏବେ କେତେ ଗାଡି ଗାଁ କୁ ଆସିଥିଲା ବଡ଼ ବଡ଼ ଅଫିସର ଆସିଥିଲେ । ସମସ୍ତେ ସରକାରଙ୍କ କଥାରେ ଚାଲ ମାଓବାଦୀଙ୍କ କଥା ଶୁଣନି । ଆଉ ଯେଉଁମାନେ ବନ୍ଧୁକ ଛାଡି ସମାଜର ମୁଖ୍ୟ ଶ୍ରୋତକୁ ଆସିବେ ତାଙ୍କୁ ସରକାରଙ୍କ ତରଫରୁ ଅର୍ଥରାଶି ମିଳିବ ସୁବିଧା ସୁଯୋଗ ମିଳିବ ବୋଲି କହିଲେ । ଏଇ ଦେଖ ଅତୀତର କେତେ ମାଓବାଦୀ ଥିବା ବ୍ୟକ୍ତି ଆଜି ଭଲରାଜନେତା ଭଲ ଅଭିନେତା ଆଉ ପ୍ରଶାସକ ହୋଇ ପାରିଛନ୍ତି । ଏସବୁ କଥା କହି ବାବୁମାନେ ଚାଲିଗଲେ ।

ଅଭି ପରଦିନ ରାତିରେ ଘରକୁ ଆସିଥିଲା । ମା ତାକୁ ଖବର କାଗଜ ଆଣି ଦେଖେଇଲେ । ପ୍ରଶାସନ କେତେ ଭଲ କଥା କହି ଯାଇଛନ୍ତି ଟିକିଏ ଦେଖେ ପୁଅ । କେତେଦିନ ଆଉ ଲୁଚି ଲୁଚି ଜଙ୍ଗଲ ଭିତରେ ରହୁଥିବୁ ଏଇ ଗୁଳି ବନ୍ଧୁକ ଆଉ ମଣିଷ ରକତରେ କେତେଦିନ ଖେଳିବୁ । ଭଲ ମଣିଷ ହେଇଯା ଧନ ଘରକୁ ବୋହୁଟିଏ ଆସୁ ନାତି ନାତୁଣୀ ମାନଙ୍କୁ ଦେଖି ମୁଁ ଟିକେ ଶାନ୍ତିରେ ଆଖି ବୁଜି ପାରିବି । ଅଭି କିଛି ଶୁଣିଲାନି ପୁଣି ଚାଲିଗଲା ସେଇ ଜଙ୍ଗଲ ଆଡ଼କୁ । ଆଉ ପନ୍ଦର ଦିନ ପରେ ପୋଲିସ ଗୁଳିରେ ଘାଇଲା ହୋଇ ସେ ଅସ୍ତ ବ୍ୟସ୍ତରେ ତାର ସାଥୀମାନଙ୍କ ପାଖକୁ ଚାଲି ଆସିଥିଲା । କିଛି କ୍ଷଣ ଭିତରେ ସେ ଆଖି ବୁଜିଦେଲା ଆଖି ବୁଜିବା ଆଗରୁ ତାର ସାଥୀ ମାନଙ୍କ ପ୍ରତି ହାତରେ କ'ଣ ଇଶାରା କରି କହୁଥିଲା ଲାଲ ସଲାମ । ଅଧ ରାତିରେ କିଛି ଲୋକ ଆସି ଅଭିର ମର ଶରୀରକୁ ଦାଣ୍ଡ ଦୁଆରେ ଥୋଇ ଦେଇଗଲେ । ବୁଢୀଟା ବିକଳ ହୋଇ କାନ୍ଦୁଥିଲା ସକାଳ ହୋଇ ଦିନ ଅଧ ହେଲା ବେଳକୁ ବି ଅଭିକୁ ଗାଁ ମଶାଣୀ ଯାଏ ନେବାକୁ ଚାରିକାନ୍ଧ ମିଳିଲାନି । ଦୂରରୁ ଶୁଭୁଥିଲା ପୋଲିସ ଗାଡିର କୁ କୁ ଶବ୍ଦ ।


+କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ମୋ : ୭୦୦୮୩୧୫୦୪୦


# ଭୋଜିଭାତ ଖବର

ନିରଞ୍ଜନ ସାହୁ





ସେଦିନ ସୁନାଝରର ଗାଆଁର ଠାକୁରାଣୀ ପୋଖରୀ ହୁଡ଼ାରେ ଗୋଟିଏ ଦଶାହ ତୁଠ କାର୍ଯ୍ୟ ଚାଲିଥିଲା । ପ୍ରାୟ ଶହେ କି ଦେଢ଼ ଶହ ଲୋକଙ୍କର ସମାଗମ ସେହି ପୋଖରୀ ହୁଡ଼ାରେ ଥିବା ବିରାଟ କଦମ୍ବ ଗଛ ତଳେ ଦେଖା ଯାଉଥିଲା । ବିଲ ମଝିରେ ସେହି ସୁନାଝର ପୋଖରୀ ଥିବାରୁ ମୁଖ୍ୟ ରାସ୍ତା ପାଖରୁ ଚାହିଁଲେ କେବଳ ଲୋକ ସମାଗମଟା ଜାଣିହୁଏ ସତ ; ମାତ୍ର କାହାର ଶୁଦ୍ଧିକ୍ରିୟା ପାଇଁ ଦଶାହ କାର୍ଯ୍ୟ ଚାଲିଛି ସେମିତି ଠଉରେଇ କହିହୁଏ ନାହିଁ । ସେଦିନ ଗାଆଁ ମୁଖ୍ୟ ରାସ୍ତାକଡ଼ରେ ଥିବା ବଡ଼ ବରଗଛ ମୂଳେ ପଡିଥିବା ଗୋଟିଏ ସିମେଣ୍ଟ ବେଞ୍ଚ ଉପରେ ବସି ଦୁଇଜଣ ପ୍ରୌଢ ବ୍ୟକ୍ତି ଗପସପ ହେଉଥିବା ବେଳେ ଜଣଙ୍କ ନଜର ସେହି ପୋଖରୀ ଉପରେ ପଡିଯିବା ଫଳରେ ସେହି ନିର୍ଦ୍ଦିଷ୍ଟ କଦମ୍ବ ଗଛ ମୂଳକୁ ଚାହିଁ ଏତେ ଲୋକ ସେଠାରେ ଆଜି କାହିଁକି ଏକତ୍ରିତ ହୋଇଛନ୍ତି ବୋଲି ପ୍ରଶ୍ନ ପଚାରିବାରୁ ଅନ୍ୟ ଲୋକଟି ହଠାତ କହି ଉଠିଲା , 'ଶୁଦ୍ଧିଘର ଦଶ ତୁଠ କାର୍ଯ୍ୟ ଚାଲିଛି ବୋଧେ । ନହେଲେ ଶହେ କି ଦେଢ଼ ଶହ ଲୋକ କାହିଁକି ଏକାଠି ହେବେ ? 'ଏଥର ପ୍ରଥମ ଲୋକଟି ପଚାରିଲା, ଆମ ଗାଆଁରୁ କିଏ ଏବେ ଚାଲିଗଲା କି ? ' ଦ୍ୱିତୀୟ ଲୋକଟି କହିଲା ,' କିଏ ଜାଣେ ? ଏତେବଡ଼ ଗାଆଁ ଆମର । ପ୍ରାୟ ଦଶ ହଜାର ଲୋକଙ୍କର ବସତି ଏଠି । କୋଡ଼ିଏରୁ ଉର୍ଦ୍ଧ୍ୱ ସାହି ଆମ ଗାଆଁରେ । ଗାଆଁର ସେହି ମୁଣ୍ଡରୁ ଜଣେ ଚାଲିଗଲେ ଗାଆଁ ଏହି ମୁଣ୍ଡରେ ଖବର ପହଞ୍ଚିବା ବେଳକୁ ଶୁଦ୍ଧିଘର ସରିଯାଇଥିବ । କିଏ ଖବର ରଖୁଛି ଏହି ସବୁର । ' ଏଥର ପ୍ରଥମ ଲୋକଟି କହିଲା , ' ହଁ , ସେଇଆ ନୁହେଁ କି ? ତଥାପି ଖବର ନିଶ୍ଚୟ ମିଳିବ । ଏଇ ସଙ୍ଗେସଙ୍ଗେ ଖବର ମିଳିବ । ' ଦ୍ୱିତୀୟ ଲୋକଟି ପଚାରିଲା , ' କେମିତି ? ' ପ୍ରଥମ ଲୋକଟି କହିଲା , ' ଆମ ପଡ଼ିଶା ଗାଆଁର ମାଧିଆ ରାଉତ ଓ ଆମ ସାହିର ବଗୁଲିଆ ପ୍ରଧାନକୁ ପଚାରିଲେ ସେ ଦୁହେଁ ଏ ଖବର କହିପାରିବେ । ' ଦ୍ୱିତୀୟ ଲୋକଟି କହିଲା , ' ଆମେ ତ ଜାଣିପାରିନେ । ସିଏ କେମିତି ଏକଥା ଜାଣିଥିବେ ? ' ପ୍ରଥମ ଲୋକଟି କହିଲା,' ତୁମେ ଜାଣିନ ବୋଧେ । ମାଧିଆ ରାଉତ କେଉଁଠି ଭୋଜିଭାତ ହେଲେ ଅଇଁଠା ଖଲିପତ୍ର ଉଠାଇବାକୁ ଯାଏ । ତା ପରଦିନ ଭୋଜି ରନ୍ଧା ଯାଇଥିବା ହାଣ୍ଡି, କଡ଼େଇ , ଡ଼ିସ , ବାଲତି ଇତ୍ୟାଦି ବାସନକୁସନ ଧୁଆଧୋଇ କରେ । ଏଥିପାଇଁ ସେ କିଛି ପାରିଶ୍ରମିକ ଟଙ୍କା ପାଏ । ଭୋଜିଭାତ ଘରକୁ ଆଣେ । ଭୋଜିରୁ ବଳିଥିବା କିଛି ଚାଉଳପତ୍ର , ପନିପରିବା, ମସଲାମସଲି ମଧ ତାକୁ ଦିଆଯାଏ । ଆଉ ବଗୁଲିଆ ପ୍ରଧାନଟା ପରା ବଗୁଲିଆଟେ । ଗାଆଁଟା ସାରା ସବୁବେଳେ ବୁଲୁଥାଏ । ଯାହାର ଭୋଜିଭାତ ହୁଏ ସେ ବିନା ନିମନ୍ତ୍ରଣରେ ସେଠାରେ ପହଞ୍ଚିଯାଏ । ଉପରେ ପଡ଼ି କାମଦାମ କରେ । ପେଟ ପୁରାଇ ଭୋଜିଭାତ ଖାଏ । ଭୋଜିଭାତ ବି ଘରକୁ ଆଣେ । ବୁଲିବୁଲି ଭୋଜି ଖାଇବାରେ ତାହାର ବହୁତ ସଉକ । ତେଣୁ ସିଏ କାହାର କେଉଁ ପ୍ରକାର ଭୋଜି ହେବ ସବୁ ଖବର ଗାଆଁ ସାରା ବୁଲିବୁଲି ସଂଗ୍ରହ କରିଥାଏ । ଭୋଜିଭାତ ପାଇଁ ତମ୍ବୁ ମାରିବାକୁ ବାଉଁଶ ଖୁଣ୍ଟ ପୋତାହେବା ଦିନଠାରୁ ସେ ସେହି ଜାଗାରେ ଟହଲ ମାରୁଥାଏ । ଯଦି ଗାଆଁରେ ଏକା ସଙ୍ଗରେ ବାହାଘର , ବ୍ରତଘର କି ଶୁଦ୍ଧିଘର ଦୁଇଚାରିଟା ପଡ଼ିଥାଏ , ତଥାପି ସେ ଏଠାରେ ଟିକିଏ ସେଠାରେ ଟିକିଏ ଭୋଜି ଖାଇଦେଇ ଚାଲିଆସେ । କେଉଁ ଭୋଜିଟା ମାଡ଼ ଖାଏନା ତା'ର । ସବୁ ଭୋଜିରୁ ଟିକେଟିକେ ଖାଇଦେଇ ସେ ଚାଲିଆସେ । ଘରର ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ଭୋଜି ମଧ ମାଗିକି ନେଇଆସେ । ବୁଲିବୁଲି ଭୋଜି ଖାଇବାରେ ବଡ଼ ସୌକି ତା'ର । ତେଣୁ ତାକୁ ପଚାରିଲେ ଏହି ଶୁଦ୍ଧିଘରଟା କାହାର ସିଏ ହିଁ ସଠିକ ଭାବେ କହିପାରିବ ।'

ଏକଥା ଶୁଣି ଦ୍ୱିତୀୟ ଲୋକଟି ଖୁବ ଜୋରରେ ହସିବାକୁ ଲାଗିଲା । ସେ କହିଲା , 'ତାହେଲେ ତ ଏଇ ଦୁଇଜଣ ଆମ ଗାଆଁର ଭୋଜି ସାମ୍ବାଦିକ । କେଉଁଠି ଭୋଜିଭାତ ହେବାକୁ ଯାଉଛି, କେଉଁ ଭୋଜିରେ କେତେ ଲୋକ ଖାଇଲେ , କେଉଁ ଭୋଜିରେ କେଉଁ କେଉଁ ଖାଦ୍ୟ ରନ୍ଧାଯାଇଥିଲା , କେଉଁ ଭୋଜିକୁ କେଉଁକେଉଁ ମାନ୍ୟଗଣ୍ୟ ବ୍ୟକ୍ତି ନିମନ୍ତ୍ରିତ ହୋଇ ଆସିଥିଲେ , କେଉଁ ଭୋଜିରେ କେତେ ଖାଦ୍ୟ ବଳକା ହୋଇ ନଷ୍ଟ ହେଲା , କେଉଁ ଭୋଜିରେ କେତେ ଟଙ୍କା ଖର୍ଚ୍ଚ ହେଲା , ଆଗକୁ କାହାର ଭୋଜିଭାତ ହେବାକୁ ଅଛି ଏସବୁ ଖବର ତ ଏହି ଦୁଇଜଣଙ୍କ ପାଖରେ ଅଛି । ତେଣୁ ଏହି ଦୁଇଜଣଙ୍କୁ ଆଜିଠାରୁ ' ଭୋଜି ସାମ୍ବାଦିକ' ଭାବରେ ଡାକିଲେ କେମିତି ହୁଅନ୍ତା ?'

ଦୁଇଜଣଯାକ ଖୁବ ଜୋରରେ ଠୋ ଠୋ ହୋଇ ହସି ଉଠିଲେ । ରାସ୍ତାରେ ଯାଉଥିବା ଲୋକମାନେ ସେମାନଙ୍କର ମନଖୋଲା ହସ ଦେଖି କୁହାକୁହି ହେଉଥିଲେ, 'ଏମାନଙ୍କୁ କୋଟିନିଧି ମିଳିଗଲା ବୋଧେ । ଦେଖୁନ କେମିତି ହସିହସି ଗଡିଯାଉଛନ୍ତି ।'


+ନିହଲ ପ୍ରସାଦ , ଗଁଦିଆ ପାଟଣା

ଢେଙ୍କାନାଳ- ୭୫୯୦୧୬

ମୋ : ୯୯୩୮୭୪୧୫୮୩

# ଏସ୍‌ସିବିରେ ପ୍ରିଂଟେଡ୍ ପ୍ରେସକ୍ରିପସନ୍ ପାଇଁ ଯୋଜନା: ଉଭୟ ଓପିଡି ଓ ଆଇପିଡିରେ ରହିବ ରୋଗୀଙ୍କ ୟୁନିକ୍ ଆଇଡି

କଟକ, ୨୮/୧ (ନି.ପ୍ର): ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବଂ ସ୍ପଷ୍ଟ ହସ୍ତାକ୍ଷରରେ ରୋଗୀଙ୍କୁ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଦିଆଯିବାକୁ ନେଇ ଚିନ୍ତା ବଢ଼ିଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ବି ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଅନେକ ଡାକ୍ତର ସ୍ପଷ୍ଟ ଅକ୍ଷରରେ ପ୍ରେସକ୍ରିପସନ୍ ଲେଖୁଥିବା ବେଳେ ଅଧିକାଂଶ ଡାକ୍ତରଙ୍କର ପ୍ରେସକ୍ରିପସନ୍ ପଢିବା ଯୋଗ୍ୟ ହୋଇପାରୁନି। ଏଥିପାଇଁ ଏବେ କଟକ ବଡଡାକ୍ତରଖାନାରେ ପ୍ରିଂଟେଡ୍ ପ୍ରେସକ୍ରିପସନ୍ ଦିଆଯିବା ଯୋଜନା ଆରମ୍ଭ ହୋଇଛି। ଯୋଜନା ଅନୁଯାୟୀ ଉଭୟ ଓପିଡି ଓ ଆଇପିଡିରେ ଏହି ବ୍ୟବସ୍ଥା ଲାଗୁ କରାଯିବ। ଓକାକ୍ ମାଧ୍ୟମରେ ପ୍ରତି ଓପିଡି ଓ ଆଇପିଡିରେ କମ୍ପ୍ୟୁଟର ବ୍ୟବସ୍ଥା କରାଯିବ। ଯାହାକି ଇଂଟରକନେକ୍ଟ ରହିବ। ପ୍ରତି ରୋଗୀଙ୍କ ୟୁନିକ୍ ଆଇଡି ରହିବ ଓ ସ୍ୱତନ୍ତ୍ର ଡାଟା ଏଂଟ୍ରି ଅପରେଟର ନିଯୁକ୍ତ ହେବେ। ସେ ଡାକ୍ତରଙ୍କ ଚିଠାକୁ ନେଇ କମ୍ପ୍ୟୁଟର ମାଧ୍ୟମରେ ପ୍ରିଂଟେଡ୍ ପ୍ରେସକ୍ରିପସନ୍ ଦେବେ। ଏହାକୁ ନେଇ ଏବେ କାମ ଆରମ୍ଭ




ହୋଇଛି। କାମ ସରିବା ପରେ ରୋଗୀଙ୍କୁ ପ୍ରିଂଟେଡ୍ ପ୍ରେସକ୍ରିପସନ୍ ଦିଆଯିବ ବୋଲି କହିଛନ୍ତି ଏସ୍‌ସିବିର ଅଧୀକ୍ଷକ (ସାଧାରଣ) ଡକ୍ଟର ଅବିନାଶ ରାଉତ୍। ପ୍ରେସକ୍ରିପସନ୍ ଓ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ସ୍ପଷ୍ଟ ଓ ବଡ଼ ଅକ୍ଷରରେ ଲେଖିବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେବା ସହ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟର ସମସ୍ତ ଡାକ୍ତରଙ୍କୁ ନିର୍ଦ୍ଦେଶନାମା ଜାରି କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଯଦିଓ ପ୍ରିଂଟେଡ ପ୍ରେସକ୍ରିପସନ୍ କଥା କୁହାଯାଉଛି, କିନ୍ତୁ ତାହା କିଭଳି ଠିକ ଢଙ୍ଗରେ କାର୍ଯ୍ୟକାରୀ ହେବ, ତାହାକୁ ନେଇ ସନ୍ଦେହ ବଢୁଛି। କଟକ ବଡ ଡାକ୍ତରଖାନା ଓପିଡିକୁ ପ୍ରତିଦିନ ହାରାହାରି ଭାବେ ୭ ହଜାର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ଏହା ବ୍ୟତୀତ ଏସ୍‌ସିବି ଦନ୍ତ ମହାବିଦ୍ୟାଳୟ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର, ଶିଶୁଭବନ, ସିଟି ହସ୍ପିଟାଲ, ପିଏଚ୍‌ସି, ସିଏଚ୍‌ସିକୁ ଆସୁଥିବା ରୋଗୀଙ୍କ ସଂଖ୍ୟା ମିଶାଇଲେ ପ୍ରତ୍ୟେକ ରୋଗୀଙ୍କୁ ପ୍ରିଂଟେଡ ପ୍ରେସକ୍ରିପସନ ଦିଆଯିବା ବ୍ୟବସ୍ଥାର ପରିଚାଳନାକୁ ନେଇ ସନ୍ଦେହ ରହୁଛି। ଯଦିଓ ଘରୋଇ ହସ୍ପିଟାଲରେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ସମସ୍ୟା ହେବ ନାହିଁ କିନ୍ତୁ ସରକାରୀ ଡାକ୍ତରଖାନାରେ ଏହାର ସଫଳ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ବଢୁଛି।

# ପଛକୁ ଟାଣୁଛି ବିପର୍ଯ୍ୟୟ: ୧୦ ବର୍ଷରେ ୪୦୫୧୭ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ

ଭୁବନେଶ୍ୱର, ୨୮/୧ (ନି.ପ୍ର): ବାତ୍ୟା ମୁକାବିଲାରେ ଓଡ଼ିଶା ସାରା ଦେଶରେ ରୋଲ ମଡେଲ୍ ସାଜିଛି। ଯେଉଁଠି ବାତ୍ୟା ହେଲେ ସହାୟତାର ହାତ ବଢ଼ାଉଛି ଓଡ଼ିଶା। ବାସ୍ତବରେ ବାତ୍ୟାରେ ଜନଜୀବନର ଯେପରି କ୍ଷତି ନହେବ ସେନେଇ ଓଡ଼ିଶାର ପଦକ୍ଷେପ ପ୍ରଶଂସନୀୟ। ହେଲେ ବାତ୍ୟାରେ କିପରି ଅଧିକ କ୍ଷୟକ୍ଷତି ନହେବ ସେନେଇ ଓଡ଼ିଶା ଏବେବି ବହୁତ କିଛି କରିବା ବାକି ଅଛି। ଏଇଥିପାଇଁ ଯେ ଗତ ୧୦ବର୍ଷରେ ଓଡ଼ିଶାରେ ୯ଟି ବାତ୍ୟା ମାଡ଼ ହୋଇଥିଲେ ହେଁ, ଏଥିରେ ୩୩ ହଜାର ୧୩୩କୋଟି ୯୧ଲକ୍ଷ ଟଙ୍କାର ସମ୍ପତି ନଷ୍ଟ ହୋଇଛି। ବର୍ତ୍ତମାନର ରାଜ୍ୟ ବଜେଟ୍‌ର ଏହା ଏକ ସପ୍ତମାଂଶ। ଆଉ ଯଦି ଗତ ୧୦ବର୍ଷରେ ରାଜ୍ୟର ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିକୁ ହିସାବକୁ ନିଆଯାଏ, ତେବେ ଏହାର ପରିମାଣ ୪୦ ହଜାର ୫୧୬କୋଟି ୯୫ଲକ୍ଷ ହେବ। ଏହା ସରକାରୀ ହିସାବ। ବେସରକାରୀ ହିସାବ ବା ବାସ୍ତବ ଆକଳନ କଲେ, କ୍ଷତିର ପରିମାଣ ଆଉ କେଇ ଗୁଣ ହେବ। ଅତି ସରଳ ଭାବେ କହିଲେ, ବିପର୍ଯ୍ୟୟ ଏବେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ଓ ରାଜ୍ୟ ଅର୍ଥନୀତିକୁ ପଛକୁ ଟାଣିବାର ଏକ ପ୍ରମୁଖ କାରଣ ପାଲଟିଛି। ରାଜସ୍ୱ ବିଭାଗର ତଥ୍ୟ କହୁଛି, ଗତ ୧୦ବର୍ଷରେ ଓଡ଼ିଶାକୁ ୧୭ଥର ପ୍ରାକୃତିକ ବିପର୍ଯ୍ୟୟ କିଲିବିଲି କରିଛି। ୯ ଥର ବାତ୍ୟା ସାମ୍ନା କରିଛନ୍ତି ରାଜ୍ୟବାସୀ। ୪ଥର ବନ୍ୟା ଓ ପ୍ରବଳ ବର୍ଷାର ପ୍ରକୋପ ଅସ୍ତବ୍ୟସ୍ତ କରିଦେଇଛି ଜନଜୀବନ। ତିନି ଥର ମରୁଡ଼ି କାରଣରୁ ଫସଲ ନଷ୍ଟ ହୋଇଛି। ଆଉ ଥରେ କୀଟ ଉପଦ୍ରବ କାରଣରୁ ଢେର କ୍ଷତିସହିଛି ଓଡ଼ିଶା। ୯ଟି ବାତ୍ୟାରୁ ୨୦୧୩ରେ ହୋଇଥିବା ପ୍ରଳୟଙ୍କରୀ 'ଫାଇଲିନ୍' ସବୁଠୁ ଅଧିକ କ୍ଷତି ପହଂଚାଇଥଲା। ସରକାରୀ ରିପୋର୍ଟ ଅନୁସାରେ, ସେହି ବିପର୍ଯ୍ୟୟ କାରଣରୁ ୧୪ ହଜାର ୩୭୩.୪୭କୋଟି ଟଙ୍କାର ସମ୍ପତି ନଷ୍ଟ ହୋଇଥିଲା। ୨୦୧୪ରେ ହୁଦହୁଦ୍ କାରଣରୁ ୪୯୪୯.୩୯କୋର୍ଟି, ୨୦୧୮ରେ ବାତ୍ୟା ତିତ୍?ଲି ପାଇଁ ୨୭୭୯.୩୨କୋଟି, ୨୦୧୯ରେ ବାତ୍ୟା ଫନି ଯୋଗୁଁ ୯୩୩୬.୨୭କୋଟି, ବୁଲ୍‌ବୁଲ୍ ୨୨୪.୪୩କୋଟି, ୨୦୨୦ରେ ବାତ୍ୟା ଅମ୍ପାନ୍ ୨୩୬.୬୮କୋଟି, ୨୦୨୧ରେ ବାତ୍ୟା ୟାସ୍ ୮୨୩.୪୯କୋଟି, ଗୁଲାବ ୩୪.୨୧କୋଟି, ଜୱାଦ୍ ପ୍ରଭାବରେ ୩୭୬.୬୫କୋଟି ଟଙ୍କାର ସମ୍ପତି ନଷ୍ଟ ହୋଇଛି। ଅନ୍ୟପକ୍ଷରେ ୧୯୯୯ରେ ହୋଇଥିବା ପ୍ରଳୟଙ୍କରୀ ମହାବାତ୍ୟାରେ ପାଖାପାଖି ୧୦ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଥିବା ସରକାରୀ ରେକର୍ଡ କହୁଛି। ବେସରକାରୀ ରିପୋର୍ଟ କାହିଁ କେତେ ଅଧିକ ହେବ। ଏହା ପରଠାରୁ ରାଜ୍ୟ ସରକାର 'ଶୂନ ମୃତ୍ୟୁ' ଆହ୍ୱାନ ନେଇ ବାତ୍ୟା ମୁକାବିଲା କରିଛନ୍ତି। ଏହି କାରଣରୁ ବାତ୍ୟା ଜନିତ ମୃତ୍ୟୁ ସଂଖ୍ୟା କମିଛି ଓ ଗତ ୫ବର୍ଷରେ ୧୪୦ଜଣଙ୍କର ପ୍ରାଣହାନି ହୋଇଛି। ଏଥିରେ ସବୁଠୁ ଅଧିକ ମୃତ୍ୟୁ ୨୦୧୮ରେ ହୋଇଥିବା ବାତ୍ୟା 'ତିତ୍‌ଲି' ଯୋଗୁ ହୋଇଥିଲା। ସେବର୍ଷ ଗଜପତି ଜିଲ୍ଲାରେ ଭୂ-ସ୍ଖଳନ ଏବଂ ଅନ୍ୟାନ୍ୟ କାରଣ ଯୋଗୁ ୪୮ଜଣ ପ୍ରାଣ ହରାଇଥିଲେ। ଦ୍ୱିତୀୟ ସର୍ବାଧିକ ମୃତ୍ୟୁ ୨୦୧୯ର ବାତ୍ୟା 'ଫନି'ରେ ହୋଇଥିଲେ। ପୁରୀ ଜିଲ୍ଲାରେ ୪୪ଜଣଙ୍କର ମୃତ୍ୟୁ ହୋଇଥିଲା ସେବର୍ଷ। ୪ଥର ବଡ଼ ବନ୍ୟା ଓ ପ୍ରବଳ ବର୍ଷା ରାଜ୍ୟବାସୀଙ୍କୁ ବିପର୍ଯ୍ୟୟ ମୁହଁକୁ ଠେଲି ଦେଇଛି। ୨୦୨୦ରୁ ୨୦୨୩ ମଧ୍ୟରେ ୪ବର୍ଷରେ ମୋଟ୍ ୨୫୬୧.୬୭ କୋଟି ଟଙ୍କାର ସମ୍ପତି କ୍ଷତି ହୋଇଛି। ଆଉ ଯଦି ୨୦୧୫ରୁ ବନ୍ୟା ଓ ବର୍ଷାର ପ୍ରଳୟକୁ ହିସାବକୁ ନିଆଯାଏ, ତେବେ ଏହି ୯ବର୍ଷରେ ୩୬୯୧କୋଟି ୧୧ଲକ୍ଷ ଟଙ୍କାର ସମ୍ପତି ବରବାଦ୍ ହୋଇଛି। ଏଥିରୁ ସରକାରୀ ସମ୍ପତିର ପରିମାଣ କେବଳ ୨୫୪୪କୋଟି ୬୫ହଜାର ଟଙ୍କା ହେବ ବୋଲି ଆକଳନ ହୋଇଛି। ୨୦୨୦ର ବନ୍ୟା ଓ ପ୍ରବଳ ବର୍ଷା ସବୁଠୁ ଅଧିକ ୧୫୦୯କୋଟି ୩୩ଲକ୍ଷ ଟଙ୍କାର କ୍ଷୟକ୍ଷତି କରିଛି।

## ବାଙ୍ଗିରିପୋଷି ଘାଟିରେ ପୁଣି ଓଲଟିଲା ଟ୍ରକ୍

ମୟୂରଭଞ୍ଜ, ୨୮/୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଘାଟିରେ ଆଜି ପୁଣି ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ରର ନାସିକରୁ ପିଆଜ ନେଇ ଆସୁଥିବା ଏକ ଟ୍ରକ୍ ବାଙ୍ଗିରିପୋଷି ଘାଟି ଓହ୍ଲାଉ ଥିବା ବେଳେ ବ୍ରେକ୍ ଫେଲ୍ ହୋଇଯାଇଥିଲା। ଏହା ପରେ ଟ୍ରକ୍‌ରେ ଥିବା ଦ୍ୱିତୀୟ ଡ୍ରାଇଭର ଜଣଙ୍କ ଓହ୍ଲାଇ ଗାଡ଼ିକୁ ଅଟକାଇବାକୁ ଚକ ଆଗରେ କିଛି ଜିନିଷ ରଖିବାକୁ ଚେଷ୍ଟା କରୁଥିବା ବେଳେ ଅସାବଧାନତା ଯୋଗୁଁ ଚକ ତଳେ ଚାପି ହୋଇ ଯାଇଥିଲେ। ଏହା ପରେ ଟ୍ରକ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ତଳେ ଚାପି ହୋଇ ରହିଯାଇଥିବା ଡାଇଭରଙ୍କୁ ଉଦ୍ଧାର କରାଯାଇ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତି କରାଯାଇଥିଲା।

# କୋକେଇରେ ୨୦ କିମି ବୁହାହେଲା ଶବ: ଶବ ନେବାକୁ ମିଳିଲାନି ପ୍ରଶାସନ, ରାଜନେତାଙ୍କ ସହଯୋଗ

ନବରଙ୍ଗପୁର, ୨୮/୧ (ନି.ପ୍ର): ଗରିବ ବୋଲି ପତ୍ନୀଙ୍କ ଶବ ନିଜ ଗାଁକୁ ନେବାକୁ ଅସୁବିଧାରେ ପଡ଼ିଲେ। ପ୍ରଶାସନ କିମ୍ବା ରାଜନେତାଙ୍କୁ ଗୁହାରି ସତ୍ୱେ ସହଯୋଗର ହାତ ବଢ଼ିଲା ନାହିଁ। ଶେଷରେ ସଂପର୍କୀୟଙ୍କ ସହାୟତାରେ ୨୦କିଲୋମିଟର କୋକେଇ କାନ୍ଧେଇ ନିଜ ଗାଁକୁ ଚାଲି ଚାଲି ଗଲେ। ନବରଙ୍ଗପୁର ଜିଲ୍ଲାର ଏହି ଦାନ ମାଝୀ ଜଣକ ହେଲେ ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଫଫୁଗାଁର ଅଭି ଅମାନତ୍ୟ। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ ପୂର୍ଣ୍ଣିଗୁଡ଼ା ଗାଁର କରୁଣା ଅମାନତ୍ୟକୁ ବିବାହ କରିଥିଲେ ଫୁଫୁଗାଁର ଅଭି। ପୂର୍ବରୁ ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଥିଲା ବେଳେ ୩ମାସ ତଳେ



ତୃତୀୟ ସନ୍ତାନ (କନ୍ୟା)କୁ ଜନ୍ମ ଦେଇଥିଲେ କରୁଣା। ତେବେ ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପ୍ରଥମେ ନବରଙ୍ଗପୁର, ପରେ କୋରାପୁଟ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ନିଆଯାଇଥିଲା। କିଛି ଦିନର ଚିକିତ୍ସା ପରେ ପୂର୍ଣ୍ଣିଗୁଡ଼ାସ୍ଥିତ ବାପଘରକୁ କରୁଣା ଚାଲି ଆସିଥିଲେ। ସଂପୂର୍ଣ୍ଣ ସୁସ୍ଥ ହେଲେ ସ୍ୱାମୀଙ୍କ ଘରକୁ ଯିବେ ବୋଲି ନିଷ୍ପତି ନେଇଥିଲେ। କିନ୍ତୁ ୨୫ତାରିଖ ରାତିରେ ତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିଲା। ପତ୍ନୀଙ୍କ ପରଲୋକ ଖବର ପାଇ ଅଭି ପୂର୍ଣ୍ଣିଗୁଡ଼ାକୁ ଆସିଲେ। ଆଦିବାସୀ ପରମ୍ପରା ଅନୁସାରେ ସ୍ୱାମୀଙ୍କ ଗାଁରେ ହିଁ ପତ୍ନୀଙ୍କ ଶେଷକୃତ୍ୟ ହୋଇଥାଏ। ଏଥିପାଇଁ ଫଫୁଗାଁ ଶବ ନେବାକୁ ନିଷ୍ପତି ନିଆଯାଇଥିଲା। ଏଥିପାଇଁ ଆମ୍ବୁଲାନ୍ସ କିମ୍ବା ମହାପ୍ରୟାଣ ଗାଡ଼ି ଯୋଗାଡ଼ କରିବାକୁ ଅଭି ଉଦ୍ୟମ କରିଥିଲେ। ତଥାପି କୌଣସି ଗାଡ଼ି ମିଳିନଥିଲା। ଏଥିପାଇଁ ସ୍ଥାନୀୟ ରାଜନେତାଙ୍କୁ ସରକାରୀ ଗାଡ଼ି ଯୋଗାଡ଼ କରିବାକୁ ଗୁହାରି କରିଥିଲେ। ଏମିତି ସ୍ଥିତିରେ କେହି ସହଯୋଗର ହାତ ବଢ଼ାଇ ନଥିଲେ। ଅନ୍ୟପକ୍ଷରେ ଦୁର୍ବଳ ଆର୍ଥିକ ସ୍ଥିତି ଯୋଗୁଁ ଗାଡ଼ି ଭଡ଼ା କରି ଶବ ନେବା ସମ୍ଭବ ନଥିଲା। ଗୋଟିଏ ପଟେ ସାରା ଦେଶ ଗଣତନ୍ତ୍ର ଦିବସ ପାଳନ କରୁଥିଲା ବେଳେ ଅଭି ପତ୍ନୀଙ୍କ ଶେଷକୃତ୍ୟ ଚିନ୍ତାରେ ବୁଡ଼ି ରହିଥିଲେ। ଚାରିଆଡୁ ନିରାଶ ହୋଇ ଶେଷରେ ଗତକାଲି ଭୋର ସମୟରେ କୋକେଇ ବାନ୍ଧି ସେଥିରେ ପତ୍ନୀଙ୍କ ଶବ ଲଦି ବାହାରି ପଡ଼ିଥିଲେ ନିଜ ଗାଁ ଅଭିମୁଖେ। ସଂପର୍କୀୟ ସହଯୋଗ କରିବାରୁ କୁମୁଲି, ଘାଟଗୁଡ଼ା, ସାନମାଳିଗୁଡ଼ା, ଝାଡ଼ବନ୍ଧଗୁଡ଼ା, ଉସୁରୁପଦର ଦେଇ ନିଜ ଗାଁରେ ପହଂଚିଥିଲେ। ଅଭିଙ୍କ ଭଳି ଗରିବ ପରିବାର ପାଇଁ ସରକାରୀ ଯୋଜନା କେବଳ ଭେଳିକି ବୋଲି ଗ୍ରାମବାସୀ କହିଛନ୍ତି। କାରଣ ଏପର୍ଯ୍ୟନ୍ତ ତାଙ୍କ ପରିବାରକୁ ରାସନ କାର୍ଡ କିମ୍ବା ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। ପତ୍ନୀଙ୍କ ମୃତ୍ୟୁ ପରେ ବି କୌଣସି ପ୍ରକାର ସହାୟତା ମିଳିଲା ନାହିଁ, ଏହାଠାରୁ ବଳି ବିଡ଼ମ୍ବନା କ'ଣ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି।

## ୫ ସାଇବର ଅପରାଧୀ ଗିରଫ : ୧ କୋଟି ଜବତ

ରାଉରକେଲା, ୨୮/୧ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲାର ସାଇବର ଥାନା ପକ୍ଷରୁ ବିଭିନ୍ନ ମାମଲା ଯାଂଚ କରାଜିବା ସହ ଏନେଇ ତଦନ୍ତ ବେଳେ ୫ ଜଣ ସାଇବର ଅପରାଧୀଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ୧ କୋଟିଟଙ୍କା ଜବତ କରାଯାଇଛି ବୋଲି ରାଉରକେଲା ପୁଲିସ ଆଜି ଗଣମାଧ୍ୟମକୁ କହିଛି । ଗିରଫ ଅଭିଯୁକ୍ତମାନେ ହେଲେ ସନ୍ଦୀପ ଜୈନ (୪୦), ପଙ୍କଜ ରାଓ (୩୩), ଏମଡି ନସିମୁଦ୍ଦିନ (୪୫), ନଭିନ ରାଓ (୩୫), ଉଜ୍ୱଲ ଉତକାସ (୨୨) । ଏମାନେ ଭିଲାଇ, ଦୁର୍ଗ ଓ ଛତିଶଗଡ ଅଂଚଳର । ଏମାନେ ବିଭିନ୍ନ ସୋସିଆଲ ସାଇଡରେ କ୍ରିପଟୋ କରେନସି ନାମରେ ଲୋକଙ୍କୁ ପ୍ରଲୋଭନ ଦେଖାଇ ଠକି ଆସୁଥିଲେ । ଏଭଳି ଠକେଇ ଲାଗି ଏମାନେ ବିଭିନ୍ନ ଟେଲିକମ କଂପାନୀର ୨୦୦ ସିମ କାର୍ଡ ବ୍ୟବହାର କରୁଥିଲେ। ସେହି ସିମ କାର୍ଡ ଗୁଡିକୁ ଜବତ କରାଯାଇଥିବା ପୁଲିସ କହିଛି । ରାଉରକେଲା ସାଇବର ଥାନା କେଶ ନମ୍ବର ୨୯ ଅନୁଯାୟୀ, ଭାରତୀୟ ଦଣ୍ଡ ବିଧି ଆଇନ ଦଫା୪୨୦, ୪୧୯, ୪୬୫, ୪୬୭, ୪୭୧/୧୨୦ ବି/ ୩୪ଆଇପିସ, ଆର/ ଡବ୍ଲୁ ସେକସନ ୬୬ ସି,୬୬ଡି ଆଇଟି ଆକ୍ଟ ୨୦୦୦ ଅନୁଶାରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ନଗଡ଼ାର ଅପପୁଷ୍ଟି ଆକ୍ରାନ୍ତ ଶିଶୁକୁ ଚେଙ୍କ ଚିକିତ୍ସା: ଗାଁରେ ଭେଟିଲେ ଡାକ୍ତରୀଦଳ

କାଳିଆପାଣି: ନଗଡ଼ାର ଅପପୁଷ୍ଟି ଆକ୍ରାନ୍ତ ଶିଶୁକୁ ଚେଙ୍କ ଚିକିତ୍ସା। ଦୁର୍ବଳତମ ଶିଶୁ ଭାବେ ଚିହ୍ନଟ ହୋଇଥିବା ତଳନଗଡ଼ାର ଗାଲେ ଓ ମଙ୍ଗୁଲୁ ପ୍ରଧାନଙ୍କ ଝିଅ ଅନୁସୟା (୭୨ ଦିନ)କୁ ଚେଙ୍କ ଦିଆଯାଇଛି। ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ ଓ କଟକ ଶିଶୁଭବନର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ବନୋଜ କୁମାର ଜେନା ଗତକାଲି ନଗଡ଼ା ଗସ୍ତକରି ଏହି ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ପରଖିବା ସମୟରେ ତା' ପେଟରେ ଚେଙ୍କ ଚିହ୍ନ ଥିବା ଦେଖିଥିଲେ। ପୋଇ ରୋଗ ପାଇଁ ଝିଅକୁ ଚେଙ୍କ ଦେଇଥିବା ବାପାମା' କହିଥିଲେ। ଝିଅକୁ ନେଇ ତୁରନ୍ତ ଡାକ୍ତରଖାନା ଯିବାକୁ ୨ ଡାକ୍ତର ମାଆ ଗାଲେ ପ୍ରଧାନଙ୍କୁ ପରାମର୍ଶ ଦେଇଥିଲେ ମଧ୍ୟ ସେ ଏହାକୁ ଗ୍ରହଣ କରିନଥିଲେ। ଓଜନ ଓ ବାହୁମାପ ଆଧାରରେ ଶିଶୁଟି ସାମ୍ (ସିଭିଅର



ଆକ୍ୟୁଟ୍ ମାଲନ୍ୟୁଟ୍ରିସନ) ଶ୍ରେଣୀଭୁକ୍ତ। ଜନ୍ମ ବେଳେ ତା' ଓଜନ ୨ କିଲୋ ୪ ଶହ ଗ୍ରାମ୍ ଥିଲା ବୋଲି ଆଶାକର୍ମୀ ଜୟନ୍ତୀ ମହାନ୍ତ କହନ୍ତି। ଗତ ୫ ତାରିଖରେ ସାଙ୍ଘାତିକ କୁପୋଷଣ ଅବସ୍ଥାରେ ଥିବା ଶିଶୁର ଓଜନ ୧୭୦୦ ଗ୍ରାମ୍‌କୁ ଖସି ଆସିଥିଲା। ସ୍ୱାଭାବିକ ଶିଶୁ ଓଜନର ଅଧାରୁ କମ୍ ଥିଲେ ମଧ୍ୟ ତାକୁ ଡାକ୍ତରଖାନା ନିଆଯାଇନାହିଁ। ନିଜ ଘରେ ଅସ୍ୱାସ୍ଥ୍ୟକର ପରିବେଶରେ ଜନ୍ମ ନେଇଥିବା ଏହି ଶିଶୁର ସ୍ୱାସ୍ଥ୍ୟାବସ୍ଥା ସଂକଟରେ ଥିଲେ ମଧ୍ୟ ତାକୁ ସୁକିନ୍ଦା ପୁଷ୍ଟି ସାଧନ କେନ୍ଦ୍ର (ଏନ୍‌ଆରସି)କୁ ନିଆଯାଇ ପାରିନାହିଁ। ଡାକ୍ତରଖାନା ନେବାକୁ ମାସେ ଧରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉଦ୍ୟମ ଓ ବୁଝାସୁଝା ଜାରି ରହିଥିଲେ ମଧ୍ୟ ଏହି ଜୁଆଙ୍ଗ ଦମ୍ପତି ଡାକ୍ତରୀ ପରାମର୍ଶ ମାନିବାକୁ ନାରାଜ୍। ଅପରପକ୍ଷରେ ପଡ଼ୋଶୀ ଗାଁ ଏକୁଲର ଜଣେ କ୍ୱାକ୍ ପରାମର୍ଶରେ ସେମାନେ ଝିଅର ଜଡ଼ିବୁଟି ଚିକିତ୍ସା ଚଳାଇଥିଲେ। ବର୍ତମାନ ଶିଶୁଟିକୁ ଚେଙ୍କ ଦିଆଯାଇଥିବା ଦେଖିବାକୁ ମିଳିଛି।

## ନିରବଦ୍ରଷ୍ଟା ସାଜିଛି ଖଣି ବିଭାଗ: କୋଟି କୋଟି ଟଙ୍କାର ପଥର ଲୁଟୁଛନ୍ତି ମାଫିଆ

ସୋର, ୨୮/୧ (ନି.ପ୍ର): ପୁଲିସ ଚୋରା ପଥର ବୋଝେଇ ଗାଡ଼ି ଜବତ କରୁଛି। ହେଲେ ଖଣି ବିଭାଗ ଚୁପ୍ ବସିଛି। ଅନ୍ୟପଟେ ଦାୟିତ୍ୱ କାଢ଼ି ନିଆଯାଇଥିବାରୁ ତହସିଲ କର୍ତୃପକ୍ଷ ମଧ୍ୟ ଏନେଇ କାନନାକ ଝାଡୁ ନାହାନ୍ତି। ଫଳରେ ପଥର ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି ଏବଂ ବେଧଡ଼କ ପଥର ଚୋରା ଚାଲାଣ ଚାଲିଛି। ସୋର ଖଞ୍ଜାମାହାଲ ପାହାଡ଼ରେ ୬୩ଟି ପଥର କ୍ୱାରି ରହିଛି। ତେବେ ପରିବେଶ ମଞ୍ଜୁରି, ହାତୀ ଚଲାପଥ ଓ ଅନ୍ୟ କାରଣ ପାଇଁ କ୍ୱାରିଗୁଡ଼ିକୁ ନିଲାମ ଦିଆଯାଇ ପାରି ନଥିଲା। ଏହି ସମୟରେ ଉକ୍ତ ଖାଦାନଗୁଡ଼ିକରୁ ମାଫିଆମାନେ ପଥର ଚୋରି କରି ନେଉଥିଲେ। ସେହି ସମୟରେ ତହସିଲ ଓ ପୁଲିସ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଉଥିଲା ଏବଂ କାର୍ଯ୍ୟାନୁଷ୍ଠାନ ହେଉଥିଲା। ଏଇଭିତରେ ୬୩ଟିରୁ ମାତ୍ର ୩ଟିକୁ କ୍ୱାରି ଚାଲିବା ନେଇ ସରକାରୀ ଅନୁମତି ମିଳିଛି। ହେଲେ ଦେଖାଯାଉଛି; ଅନ୍ୟ କ୍ୱାରିଗୁଡ଼ିକରୁ ମଧ୍ୟ ପଥର ଉତୋଳନ ହେଉଛି। ଯାହା ବେଆଇନ ଭାବେ ଚାଲୁଛି। ପ୍ରତିଦିନ ଶହ ଶହ ଟ୍ରିପ୍ ପଥର ବାହାରକୁ ଚୋରା ଚାଲାଣ କରାଯାଉଛି। ଏହି ପରିସ୍ଥିତିରେ ସୋର ପୁଲିସ ପକ୍ଷରୁ ବାରମ୍ବାର ଚଢ଼ଉ ସହ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ହେଲେ ତହସିଲ କର୍ତୃପକ୍ଷ ପୂର୍ବ ପରି ଆଉ ଚଢ଼ଉ କରୁନାହାନ୍ତି। କାଁ ଭାଁ ଚଢ଼ଉ ସହ କାର୍ଯ୍ୟାନୁଷ୍ଠାନ ହେଉଛି। କୁହାଯାଉଛି, ଏହା ପଛର କାରଣ; ପଥର କ୍ୱାରିଗୁଡ଼ିକ ଏବେ ଖଣି ବିଭାଗର ଅଧୀନକୁ ଯାଇଛି। ଯଦି ଏପରି ହୋଇଛି, ତେବେ ଖଣି ବିଭାଗ ଚୋରା ପଥର ଚାଲାଣ ରୋକିବା ପାଇଁ ପଦକ୍ଷେପ ନେବା ସହ ଚଢ଼ଉ କରିବା କଥା। ହେଲେ ତାହା କରାଯାଉନି। ଫଳରେ ମାଫିଆମାନେ ସୁଯୋଗ ପାଉଛନ୍ତି ଏବଂ ପଥର ଚୋରା କାରବାର ବଢ଼ି ବଢ଼ି ଚାଲିଛି। ଅନ୍ୟପଟେସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଏ ନେଇ ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କ ସହ ଯୋଗାଯୋଗ କରାଯାଇଥିଲା। ପଥର କ୍ୱାରି ଦାୟିତ୍ୱ ଏବେ ଆଉ ଆମ ଅଧୀନରେ ନାହିଁ। ଖଣି ବିଭାଗ ସବୁ ବୁଝାବୁଝି କରୁଛି। ଚୋରା ପଥର ବୋଝେଇ ଗାଡ଼ି ଆମ ହାବୁଡ଼ାରେ ପଡ଼ିଲେ ଜବତ କରୁଛୁ ବୋଲି କହିଛନ୍ତି। ସେହିପରି ବାଲେଶ୍ୱର ଖଣି ବିଭାଗର ଅଧିକାରିଣୀ ସନ୍ତୋଷୀ ସେଠୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ ତାହା ସମ୍ଭବ ହୋଇପାରିନି। ପଥର ଚୋରି ରୋକିବା ପାଇଁ ଖଣି ବିଭାଗ ସକ୍ରିୟ ହେଉ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏହା ସହିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ତହସିଲ ଏବଂ ପୁଲିସ କର୍ମଚାରୀଙ୍କ ମିଳିତ ସହଯୋଗରେ ଚୋରା ପଥର ମାଫିଆଙ୍କୁ ସାବାଡ଼ କରିବା ଦରକାର ବୋଲି ମଧ୍ୟ ମତପ୍ରକାଶ ପାଇଛି। ତେବେ ଆଗକୁ ସମସ୍ୟାର ସମାଧାନ କିପରି ହେଉଛି, ତାହା ଦେଖିବାର କଥା।

## ସେବା କାଗଜ କଳ ଶ୍ରମିକଙ୍କ ପ୍ରୋଭିଡେଂଟ ଫଣ୍ଡ୍ ବ୍ରହ୍ମପୁର ପିଏଫ୍ ଅଫିସ୍‌କୁ ଆସିଲା

ଜୟପୁର, ୨୮/୧ (ନି.ପ୍ର): ସେବା କାଗଜ କଳ ଶ୍ରମିକ ମାନଙ୍କର ପ୍ରୋଭିଡେଂଟ ଫଣ୍ଡ୍ ଜମା ରାଶି ଦୀର୍ଘ ଚାରି ବର୍ଷ ପରେ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ କୁ ସ୍ଥାନାନ୍ତର ହେଲା । ସର୍ବମୋଟ ୧୨୨୨ ଜଣଙ୍କର ୨୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କରମ୍ ଚାନ୍ଦ ଥାପର ପି ଏଫ୍ ଟ୍ରଷ୍ଟ କଲିକତାରୁ ବ୍ରହ୍ମପୁରକୁ ଆସିଲା । ଏହା ଫଳରେ ଶ୍ରମିକ ମାନେ ସେମାନଙ୍କ କଷ୍ଟାର୍ଜିତ ଅର୍ଥ ପାଇବେ ଏବଂ ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ପରିବାରକୁ ପେନସନ ମିଳିବାରେ ସୁବିଧା ହେବ। ପ୍ରକାଶ ଥାଉକି ୨୦୨୦ ଫେବୃଆରୀ ୨୬ ତାରିଖରେ ଥାପର ଗୃପ୍ ପରିଚାଳନାରେ ଥିବା ସେବା କାଗଜ କଳକୁ ଲୁକ୍କାୟିତ ଭାବେ ହାଇଦ୍ରାବାଦର ମଦର୍ ଆର୍ଥ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ କମ୍ପାନୀକୁ ବିକ୍ରି କରିଦିଆଗଲା ଏବଂ ଠିକ୍ ତା'ପର ଦିନ ଅର୍ଥାତ୍ ୨୦୨୦ ଫେବୃଆରୀ ୨୭ ତାରିଖରେ ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନର ଅଫିସ୍ ରେ ନୂଆ ପିଏଫ୍ ଏକାଉଂଟ ଖୋଲିଗଲା ଓ ଶ୍ରମିକ ମାନଙ୍କ ପି ଏଫ୍ ଟଙ୍କା ସେହି ଦିନଠାରୁ କେସିଟି ଟ୍ରଷ୍ଟ ବଦଳରେ ବ୍ରହ୍ମପୁରକୁ ଯିବାକଥା ପରେ ଜଣା ପଡିଲା । କିନ୍ତୁ, ପୂର୍ବରୁ କେସିଟି ଟ୍ରଷ୍ଟ ରେ ଜମା ଥିବା ଟଙ୍କା ବ୍ରହ୍ମପୁର ଆଂଚଳିକ ଅଫିସ୍ କୁ ସ୍ଥାନାନ୍ତର ହୋଇପାରିଲା ନାହିଁ । ନୂଆ କମ୍ପାନୀର ଷଡ଼ଯନ୍ତ୍ର ରହିଥିଲା ଶ୍ରମିକ ମାନଙ୍କ ନୂଆ ଦରମା ହାର ସ୍ଥିର କରି ସେହି ହିସାବରେ ପି ଏଫ୍ ଟଙ୍କା ଜମା ହେବ । କିନ୍ତୁ, କେନ୍ଦ୍ର ପି ଏଫ୍ କମିଶନ ଶ୍ରମିକ ମାନଙ୍କ ପି ଏଫ୍ ଦେୟକୁ ସଠିକ୍ ସଂଚାଳନ ପାଇଁ ନିର୍ଦ୍ଦେଶ ଦେଇ ତୁରନ୍ତ ସମସ୍ୟା ସମାଧାନ ପାଇଁ ଚିଠି ଆସିବା ପରେ କମ୍ପାନୀ ଶ୍ରମିକ ମାନଙ୍କ ପୁରୁଣା ବେସିକ୍ ଡିଏ ଭିଡ଼ିଏ ଦେବା ପାଇଁ ବାଧ ହୋଇଥିଲା । ଶ୍ରମିକମାନଙ୍କ ପି ଏଫ୍ ସ୍ଥାନାନ୍ତର ପାଇଁ କଲିକତା ଆଂଚଳିକ ପିଏଫ୍ କମିଶନର ଅଫିସ୍ ର ଆଇନ୍ ଗତ ମଞ୍ଜୁରୀ ଆବଶ୍ୟକ ଥିଲା ବେଳେ ତାହା ହୋଇ ପାରୁ ନଥିଲା । କେନ୍ଦ୍ର ପି ଏଫ୍ କମିଶନ ର ସେଂଟ୍ରାଲ ବୋର୍ଡ ଅଫ ଟ୍ରଷ୍ଟିଜ୍ ରେ ଏଆଇଟିୟୁସି ର ପ୍ରତିନିଧି ଏବଂ ଜାତୀୟ ସମ୍ପାଦକ ସୁକୁମାର ଡାମଲେ ଶ୍ରମିକ ମାନଙ୍କ ଦୁର୍ଦ୍ଦଶା କଥା ଉଠେଇବା ପରେ କଲିକତା ଆଞ୍ଚଳିକ ଅଫିସ୍ ଆନୁସଙ୍ଗିକ ତଥ୍ୟ ମାଗିଥିଲା । ୨୦୨୦ ପରଠାରୁ ଲଗାତାର ଶ୍ରମିକ ଓ ସଂଘ ମାନେ ଚେଷ୍ଟା ଜାରି ରଖିଥିଲେ । ଶ୍ରମିକ ଓ ମୃତ ଶ୍ରମିକଙ୍କ ପରିବାର ସଦସ୍ୟ ମାନେ ରାସ୍ତା ରୋକ ଆନ୍ଦୋଳନ ବିକ୍ଷୋଭ ବାରମ୍ବାର କରିଛନ୍ତି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିଜୟ ଜେନା ଓ ସିବିଟି ସଭ୍ୟ ସୁକୁମାର ଡାମଲେଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# କୋଶଳ ସାହିତ୍ୟ ଏକାଡେମୀ ତରଫରୁ ତରଭାର ବାଟେଘାଟେ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୨୮/୧ (ନି.ପ୍ର): ସ୍ଥାନୀୟ ସାରସ୍ୱତ ଅନୁଷ୍ଠାନ କୋଶଳ ସାହିତ୍ୟ ଏକାଡେମୀ ତରଫରୁ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ତରଭାର ବାଟେଘାଟେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋସଲୀ ଭାଷାର ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ର ପ୍ରାରମ୍ଭରେ ଶିଶୁପାଳ ଥନାପତି ବେଦଧ୍ୱନି ଦେଇଥିବା ବେଳେ ଗାୟକ ସୁମନ୍ତ ସାହୁ, ସୁଶୀଲ ଦରୁଆନ, ହିମାଂଶୁ ମିଶ୍ର ଓ ସାଥି ଭଜନ ପରିବେଷଣ କରିଥିଲେ । ଶିକ୍ଷକ ସଂଘ ସଭାପତି ସୁରେଶ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଞ୍ଜିନିୟର ଗୋପାଳ ଚନ୍ଦ୍ର ମେହେର ମୁଖ୍ୟ ଅତିଥି, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ ମୁଖ୍ୟବକ୍ତା ତଥା ସାମ୍ବାଦିକ ଅନ୍ତର୍ଯ୍ୟାମୀ ସାହୁ, ଲେଖିକା ନୀଳକାନ୍ତି ପଟ୍ଟନାୟକ ଓ ଲେଖକ ବନବାସ ମେହେର ସମ୍ମାନିତ ଅତିଥିରୂପେ ଯୋଗଦେଇ କୋସଲୀ ଭାଷାର ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ରରେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। କବି ଗୌରୀଶଙ୍କର ସାହୁ ଓ ଶୁକଦେବ ସାହୁଙ୍କ ସଂଯୋଜନାରେ ଆୟୋଜିତ କୋସଲୀ କବିତା ଆସରରେ ପଡୋଶୀ ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ବରଗଡ଼ ଜିଲ୍ଲାର କବୟିତ୍ରୀ ପୁଷ୍ପାଞ୍ଜଳି ମେହେର, ତପସ୍ୱିନୀ ପଟ୍ଟନାୟକ, ଯମୁନା ମହାପାତ୍ର, ଲୀନା ମେହେର, ଶାଳିନୀ ମହାନ୍ତି, ସରିତା ନାଏକ, ଲୋକକବି ଗରିବ ମଲ୍ଲିକ, ରୋଶନ ସାହୁ, ବନମାଳୀ ପାଣ୍ଡେ, ସୁଖରାମ ମଲ୍ଲିକ, ଶଙ୍କର୍ଷଣ ବାଘ, ଅଧାପକ ପ୍ରଶାନ୍ତ ନାଗ, ଲୋକନାଥ ଦଳବେହେରା, ହିରଣ୍ମୟ ପଟ୍ଟନାୟକ ଓ ସନ୍ତୋଷ ଦାଶ ପ୍ରମୁଖ ପଚାଶରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

# ସଦାଶିବ ଉଚ୍ଚ ବିଦ୍ୟାଳୟର ପିତାମାତା ପୂଜନ ଓ ବାର୍ଷିକ ଉତ୍ସବ



ଜଳେଶ୍ୱର , ୨୮/୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅଧିନ ଶାଳିକୋଠାସ୍ଥିତ ସଦାଶିବ ଉଚ୍ଚ ବିଦ୍ୟାଳୟରେ ଏକ ନିଆରା ପରମ୍ପରା ପିତାମାତା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିସହିତ ବାର୍ଷିକ ଉତ୍ସବରେ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ସଭାପତିତ୍ୱ କରି ବାର୍ଷିକ ଉତ୍ସବ ଏକ ଅନୁଷ୍ଠାନର ଜନ୍ମ ଜୟନ୍ତୀ ତୁଳନୀୟ ବୋଲି କହିଥିଲେ । ମୁଖ୍ୟଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନ ଯୋଗ ଦେଇ ପିତାମାତାହିଁ ଶିଶୁଙ୍କୁ ପ୍ରଥମ ଗୁରୁ । ତେଣୁ ସେମାନଙ୍କ ବିନା ପୂର୍ଣ୍ଣାଙ୍ଗ ଶିକ୍ଷା ଅସମ୍ଭବ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ବାଲେଶ୍ୱର ଜିଲାର ଓଷ୍ଟା ସଭାପତି ମନୋରଂଜନ ଦାସ ଯୋଗ ଦେଇ ଶିକ୍ଷକ, ଶିକ୍ଷିକା, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ନେଇ ହିଁ ଶିକ୍ଷା ପରିବେଶ ଗଠିତ । ତେଣୁ ଗୋଟିଏ ବିନା ଶିକ୍ଷାର ବିକାଶ ଅସମ୍ଭବ ବୋଲି ସେ କହିଥିଲେ । ସମ୍ମାନୀତ ଅତିଥିଭାବେ କେଶବ ଚନ୍ଦ୍ର ପରିଡା, କେଦାର ଚନ୍ଦ୍ର ଗିରି, ମନୋଜ ଭୂୟାଁ, ସତ୍ୟରଂଜନ ସାହୁ ଯୋଗ ଦେଇ ବଡ ମଣିଷ ହେବା ସହିତ ଭଲ ମଣିଷ ହେବା ସଂପର୍କରେ ମତାମତ ରଖିଥିଲେ । ପ୍ରଥମ ଅଧିବେଶନରେ ବରିଷ୍ଠ ଶିକ୍ଷକ ସଂଜୀବ ପ୍ରମାଣିକ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ମୁଖ୍ୟବକ୍ତାଭାବେଗଣେଶ ଚନ୍ଦ୍ର ପରିଡା, ସମ୍ମାନୀତ ଅତିଥିଭାବେ ହରେନ୍ଦ୍ର ମହାନ୍ତ, ଏବିଇଓ ଅଜୟ କୁମାର ଜେନା, ଅନୁରାଧା ସାହୁ ଓ ଡା. ପଦ୍ମଲାଭ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସୁରଜ ଦାସମହାପାତ୍ର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ କୃତିଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ବୀଣାପାଣି ଯୁବକ ସଂଘ ପକ୍ଷରୁ ରକ୍ତଦାନ ଶିବିର



ବେତନଟୀ, ୨୮/୧ (ନି.ପ୍ର): ବେତନଟୀ ବ୍ଲକ ଆଗ୍ରିଆ ସ୍ଥିତ ବୀଣାପାଣୀ ଯୁବକ ସଂଘ ର ୨୧ ତମ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଅନୁପ କୁମାର ଦଣ୍ଡପାଟ ଙ୍କ ସଂଯୋଜନା ରେ ଆୟୋଜିତ ଶିବିର କୁ ଯୁବ ସଂଗଠନ ଲଲାଟେନ୍ଦୁ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଆଗ୍ରିଆ ସରପଞ୍ଚ ମିନତୀ ସିଂ, ବେତନଟୀ ବ୍ଲକ ସାମ୍ବାଦିକ ସଂଘ ର କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମହାନ୍ତ , ଉପ ସଭାପତି ଗତିକୃଷ୍ଣ ମହାନ୍ତ , ସାମ୍ବାଦିକ କେଶବ ନାଥ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାରିପଦା ରକ୍ତଭଣ୍ଡାରର ଅଧିକାରୀ ଦେବଶ୍ରୀ ବେରା, ସେବିକା ରୁଚିକା ଖୁରାନା, ପ୍ରଫୁଲ୍ଲ ମାଝୀ, ବିଶ୍ୱନାଥ ପଲେଇ, କରୁଣାକର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଏହି ଶିବିରରୁ ୫୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସ୍ୱେଚ୍ଛାକୃତ ରକ୍ତଦାତା ମାନେ ହେଲେ ଅରୁପ ରଞ୍ଜନ ଲେଙ୍କା, ଉତ୍ତରା ପାତ୍ର, ବ୍ରହ୍ମାନନ୍ଦ ରାଉତ, ସୁଶାନ୍ତ ପରିଡା, ମାଧବ ନନ୍ଦ ରରିଡା, ଶ୍ରୀଧର ଦେହୁରୀ, ଜିତେନ୍ଦ୍ର ପରିଡା, ଭାଗବତ ପ୍ରସାଦ ଭୂୟାଁ , ଜୀବନ ପରିଡା, ସୁମିତ୍ରା ପରିଡା, ସୁବାଷ ଚନ୍ଦ୍ର ମହାରଣା, ଚନ୍ଦନ କୁମାର ଦାସ, ହରିଶ ପ୍ରଧାନ, ପ୍ରୀତି ପାଣି, ବିଶ୍ୱଜିତ ପରିଡା, ଶିବନାରାୟଣ ଘୋଷ, ସୁଚିସ୍ମିତା ଭୋଇ, ନୟନ କୁମାର ଜେନା, ମଳୟ କୁମାର ନାଥ, ବୀରକିଶୋର ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ପ୍ରଧାନ, ତପନ କୁମାର ମହାନ୍ତି, ରଞ୍ଜନ ପରିଡା, ସୋନାଲୀ ଘୋଷ, କ୍ରୀଷ୍ଟାରାଣୀ ସାମଲ, ଯଶବନ୍ତ ମହାନ୍ତି, ରଣଜିତ ସିଂ, ଉଦୟ ପରିଡା, ପ୍ରଦୀପ ଓଝା, ଆଶୀର୍ବାଦ ନାୟକ, ପ୍ରେମଲତା ସାହାଣୀ, ଆଲୋକ ରଞ୍ଜନ ବିଶ୍ୱାଳ, କଳ୍ପଲତା ପ୍ରଧାନ, କ୍ଷିତିଶ ଚନ୍ଦ୍ର ଦାସ, ତୁଫାନ ମହାନ୍ତି, ସଚିନ ଦେହୁରୀ, ତପନ ଦେହୁରୀ, ପଦ୍ମିନୀ ବିନ୍ଧାଣୀ, ସନ୍ଧ୍ୟାରାଣୀ ବିନ୍ଧାଣୀ, ସୁଶାନ୍ତ ଭୋଇ, ସ୍ମିତା ଗୋସ୍ୱାମୀ, ଶ୍ରାବଣୀ ମହାନ୍ତି, ବ୍ରହ୍ମାନନ୍ଦ ପରିଡା, ପ୍ରଦୀପ କୁମାର ଦାସ, ସୁମନ୍ତ ପରିଡା, ମାନସ କୁମାର ବିନ୍ଧାଣୀ, କଳ୍ପଲତା ଦାସ, ଗୁରୁପ୍ରସାଦ ମହାନ୍ତ, ସୁମନ୍ତ ଦାସ, ପ୍ରକାଶଜ୍ୟୋତି ପ୍ରଧାନ ପ୍ରମୁଖ ରକ୍ତ ଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ବୀଣାପାଣି ଯୁବକ ସଂଘର କାର୍ଯ୍ୟକାରୀ ସଭାପତି ଶିବନାରାୟଣ ଘୋଷ, ଭଗିରଥ ପଣ୍ଡିତ, ପ୍ରଦୀପ ଜେନା, ପ୍ରକାଶ ଜ୍ୟୋତି ପ୍ରଧାନ,ଚନ୍ଦନ ପରିଡା, ହିମାଂଶୁ ପଣ୍ଡିତ, ଜିତେନ୍ଦ୍ର ପରିଡା, ବ୍ରହ୍ମାନନ୍ଦ ପରିଡା, ପ୍ରଦୀପ ଦାସ, ବିଶ୍ୱଜିତ ପରିଡା, ବୀରକିଶୋର ବିଶ୍ୱାଳ, ତରଣୀ ପଣ୍ଡିତ, ରଞ୍ଜନ ପରିଡା, ହରିଶ ପ୍ରଧାନ, ରଞ୍ଜିତ ବାରିକ, ଅଜିତ କୁମାର ବେହେରା, ସୁମନ୍ତ ପରିଡା, ଶ୍ରୀଧର ଦେହୁରୀ, ଇନ୍ଦ୍ରଜିତ ଓଝା, ଚନ୍ଦନ ଦାସ,ଯଶବନ୍ତ ମହାନ୍ତି ପ୍ରମୁଖ ରକ୍ତଦାନ ଶିବିରକୁ ସହଯୋଗ କରିଥିଲେ । ଉଦଯାପନୀ ଉତ୍ସବରେ ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ କ୍ଲବ ର ସମ୍ପାଦକ ଜୀବନ କୁମାର ପରିଡ଼ା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମନା'ପକ୍ଷରୁ ଜଳେଶ୍ୱର ବ୍ଲକ ନେତୁଆ ପଂଚାୟତରେ ସଚେତନତା ଶିବିର ଅନୁଷ୍ଠିତ

ବାଲେଶ୍ୱର, ୨୮/୧ (ନି.ପ୍ର): 'ମିଳିତ ନିଶା ନିବାରଣ ଅଭିଯାନ (ମନା)', ବାଲେଶ୍ୱର ପକ୍ଷରୁ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନେତୁଆ ପଂଚାୟତରେ ନିଶା ବିରୋଧି ସଚେତନତା ଶିବିର ଅନୁଷ୍ଠାନର ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ମଧରେ ନଗର ସଭାପତି ବେଣୁଧର ସାହୁ, ଜଳେଶ୍ୱର ବ୍ଲକର ଦିଲ୍ଲୀପ ଗିରି, ସଭାପତି, ଭାସ୍କର ଚନ୍ଦ୍ର ମିଶ୍ର, ଉପସଭାପତି, ନେତୁଆ ପଂଚାୟତର ସମାଜସେବୀ ବେଣୁଧର ଜେନା, ହେମନ୍ତ କୁମାର କର, ବିଶ୍ୱନାଥ ଦାସ ପ୍ରମୁଖ ମତବ୍ୟକ୍ତ କରିଥିଲେ ।




ସାଧାରଣ ସଂପାଦିକା ମମତା ମହାପାତ୍ର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସରକାରଙ୍କ ନିଶା ବିରୋଧରେ ପ୍ରଣୀତ ନିର୍ଦ୍ଦେଶନାମା ସଠିକ୍ ଭାବେ କାର୍ଯ୍ୟକାରୀ କରାଗଲେ ଯୁବପିଢିଙ୍କୁ ନିଶା କବଳରୁ ରକ୍ଷା କରାଯାଇପାରନ୍ତା ବୋଲି ମତବ୍ୟକ୍ତ କରିଥିଲେ । ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ ନିଶା ବିରୋଧରେ ମହିଳାମାନେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ଆବାହିକା ସାବିତ୍ରୀ ଜେନା ସ୍ୱାଗତ ଭାଷଣ ଦେଇଥିଲେ । ନେତୁଆ ପଂଚାୟତର କାଳୀଚରଣ ମୁର୍ମୁ ଜଣେ ଆଦିବାସୀ ହୋଇଥିବା ସତ୍ତ୍ୱେ ଆଜୀବନ ନିଶାଠାରୁ ଦୂରରେ ଥିବା ହେତୁ ଗ୍ରାମବାସୀଙ୍କ ସୁପାରିସ କ୍ରମେ 'ମନା' ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଚେତନତା ଶିବିରରେ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ଶେଷରେ ମମତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍ୱର୍ଗୀୟ ଚୈତନ୍ୟ ପ୍ରସାଦ ମାଝୀଙ୍କର ୫ମ ଶ୍ରାଦ୍ଧ ଦିବସ ପାଳିତ




ବାରିପଦା , ୨୮/୧ (ନି.ପ୍ର): ସ୍ଥାନୀୟ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନଠାରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ, ରାଜ୍ୟ ସରକାରଙ୍କର ପୂର୍ବତନ ଶିକ୍ଷା, ଅନୁସୂଚୀତ ଜାତି, ଜନଜାତି ବିଭାଗର କ୍ୟାବିନେଟ ମନ୍ତ୍ରୀ ସ୍ୱର୍ଗୀୟ ଚୈତନ୍ୟ ପ୍ରସାଦ ମାଝୀଙ୍କର ୫ମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ସ୍ମୃତି ସଭାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ନେତୃମଣ୍ଡଳୀମାନେ ଉପସ୍ଥିତ ରହି ଏହି ଅମ୍ଳାନ ଆତ୍ମା ସ୍ୱର୍ଗୀୟ ମାଝୀଙ୍କର ସ୍ମୃତିଚାରଣ କରିଥିଲେ । ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପୌରହିତ୍ୟରେ ସ୍ମୃତିସଭା ଆରମ୍ଭ ହୋଇଥିଲା । ପ୍ରଥମେ ମାନ୍ୟବର ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଜୁ ଜନତା ଦଳ ଜିଲ୍ଲା ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଅନୁସୂଚୀତ ଜାତି, ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ଉପଦେଷ୍ଟା ତଥା ପୂର୍ବତନ ରାଜ୍ୟସଭା ସାଂସଦ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ରାଜ୍ୟ କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକ, ମୟୂରଭଞ୍ଜ ବିଜୁ ମହିଳା ଜନତା ଦଳର ସଭାପତି ଦୀପ୍ତିଲତା ମିଶ୍ର, ବାରିପଦା ପୌରପରିଷଦର ଉପ-ନଗରପାଳ ସୀମା ଦାସ, ରାଜ୍ୟ ଖୋଦୀ ବୋର୍ଡ ସଦସ୍ୟ ସରୋଜ କୁମାର ବୋଷ, ବରିଷ୍ଠ ଆଇନଜୀବି କୃଷ୍ଣ ଦାସ, ବିଶିଷ୍ଟ ସମବାୟବିତ୍ ଦେବୀଦତ୍ତ ଦାସ, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ଦାସ, ସବିତା ବେହେରା, ଶ୍ରାବଣୀ ଦାସ, ସତ୍ୟପ୍ରକାଶ ଦାସ, ରାଜ୍ୟ ମୁଣ୍ଡା ସମାଜର ସଭାପତି ରବୀନ୍ଦ୍ର ସିଂ ପ୍ରମୁଖ ସ୍ୱର୍ଗୀୟ ମାଝୀ ଶିକ୍ଷା ମନ୍ତ୍ରୀ ଥିବା ସମୟରେ ରାଜ୍ୟ ତଥା ଜିଲ୍ଲାରେ ଶିକ୍ଷାର ବିକାଶର ମୂଳ ଦୁଆ ସ୍ଥାନ ହୋଇଥିଲା ଏବଂ ସେହି ପରିପ୍ରେକ୍ଷୀରେ ଆଜି ବହୁ ଲୋକ ଜୀବନ ଜୀବିକା ନିର୍ବାହ କରିପାରୁଛନ୍ତି ବୋଲି ସ୍ମୃତି ଚାରଣରେ ନିଜ ନିଜର ମତ ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଅନନ୍ତ ଦାସ, ମହେଶ ଭଂଜଦେଓ, ପ୍ରଶାନ୍ତ ବେହେରା, ପ୍ରଭାତ ମହାନ୍ତି, ସୁକେଶିନୀ ସେଠୀ, ଅନୁରାଧା ମହାନ୍ତି, ପୂଜା ତରେଇ, ଶୈଳେନ୍ଦ୍ର ପାତ୍ର, କିଶୋର ପାତ୍ର, ତପୁ ଦାସ, ସେକ୍ ଆଶ୍ରମ, ମାନୀ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ସର୍ବ ଶେଷରେ ବିଜୁ ଛାତ୍ର ଜନତା ଦଳର ସଭାପତି ସୁନୀଲ ନାୟକ ତାଙ୍କ ବକ୍ତବ୍ୟରେ ଆଜି ଶିକ୍ଷାର ବିକାଶରେ ଛାତ୍ର ମାନଙ୍କର ବିକାଶ ଘଟିଥାଏ ବୋଲି ବକ୍ତବ୍ୟ ଦେଇ ସଭା ସାଙ୍ଗ କରିଥିଲେ ।

# ଜିଲ୍ଲା ଯୁବ ବିଜେଡି ସାଧାରଣ ସଂପାଦକ ନିଯୁକ୍ତ ହେଲେ ଯୁବନେତା ଜଗବନ୍ଧୁ ଜେନା

ଲଙ୍ଗଳେଶ୍ୱର, ୨୮/୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ତାପସ କୁମାର ପରିଡାଙ୍କ ସହମତି କ୍ରମେ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା ଦଳର ସାଧାରଣ ସଂପାଦକ ଭାବେ ବାଲିଆପାଳ ପଞ୍ଚାୟତର ଯୁବନେତା ଜଗବନ୍ଧୁ ଜେନାଙ୍କୁ ନିଯୁକ୍ତି ମିଳିଛି । ଶ୍ରୀ ଜେନା କଂଗ୍ରେସ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହେବା ପରେ ଦଳ ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ମିଳିଛି । ଏହି ଦାୟିତ୍ୱ ମିଳିବା ପରେ ଶ୍ରୀ ଜେନା ସୁପ୍ରିମୋ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଯୁବ ବିଜେଡି ସଭାପତି ଡଃ ବ୍ୟୋମକେଶ ରାୟ, ମାନ୍ୟବର ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଇଂ ରବୀନ୍ଦ୍ର କୁମାର ଜେନା,ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ,ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା , ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡା, ଜିଲ୍ଲା ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ବସ୍ତା ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ଏବଂ ବାଲିଆପାଳର ପ୍ରମୁଖ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ନିଯୁକ୍ତି ପରେ ଜଗବନ୍ଧୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ କର୍ତ୍ତବ୍ୟ ଉପରେ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୨୮/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସମ୍ବିଧାନ କର୍ତବ୍ୟ ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ପ୍ରାଧିକାରଣ ସଚିବ ସୁମିତ୍ରା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ବିଧାନରେ ଥିବା ବିଭିନ୍ନ ଧାରା ଓ ଏହାର ମୌଳିକ କର୍ତବ୍ୟ ମାନ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିଥିଲେ । ଶିବିରରେ ଉପସ୍ଥିତ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ସମ୍ବିଧାନ ସଂପର୍କରେ ବିଭିନ୍ନ ପ୍ରକାର ଉପଦେଶ ମାନ ଦେଇଥିଲେ । ଆଗାମୀ ଦିନରେ ଛାତ୍ରଛାତ୍ରୀ ମାନେ କିପରି ଭଲ ମଣିଷ ରୂପେ ପରିଗଣିତ ହେବେ ସେ ଉପରେ ଆଲୋଚନା କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଓଡ଼ିଶା ଆସୁଛନ୍ତି ...

ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏଆଇସିସି ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ ପରେ ଏହା ହେଉଛି ଖଡଗେଙ୍କ ପ୍ରଥମ ଓଡିଶା ଗସ୍ତ। ଅଧକ୍ଷଙ୍କ ଗସ୍ତ ପୂର୍ବରୁ ପିସିସି ସଭାପତି ଅଭିଯୋଗ କରିଛନ୍ତି ଯେ, ଓଡ଼ିଶାକୁ ଦରିଦ୍ର ରାଜ୍ୟ ଭାବେ ପରିଣତ କରିସାରିଛନ୍ତି ରାଜ୍ୟ ସରକାର। ଜମି, ଖଣି ଭଳି ଦୁର୍ନୀତିରେ ଲିପ୍ତ ରହିଛନ୍ତି। ରାଜ୍ୟ ସରକାରଙ୍କ ଏହି ଦୁର୍ନୀତି ବିରୋଧରେ ହିଁ କଂଗ୍ରେସ ମହାଲଢେଇ କରିବ ବୋଲି କହିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ। ଏ ନେଇ ବିଜେଡି କହିଛି, ନିର୍ବାଚନ ପାଖେଇଲେ କେନ୍ଦ୍ରୀୟ ନେତା ସବୁ ଆସନ୍ତି। କିନ୍ତୁ ଓଡ଼ିଶାରେ ଏହାର କୌଣସି ପ୍ରଭାବ ପଡିବନି। ବିଜେପି ମଧ କଂଗ୍ରେସର ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠାଇଛି।

### ଆଦିବାସୀ ମେଳାରେ...

ସୁଯୋଗ ରହିଛି ଭୁବନେଶ୍ୱର ଶିଶୁଭବନ ଛକ ନିକଟ ୟୁନିଟ୍ -୧ ଅଞ୍ଚଳରେ ଆୟୋଜିତ ହେଉଥିବା ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ। ପ୍ରତିକ୍ଷିତ ଏହି ବାର୍ଷିକ ମେଳାରେ "ଚିରୋଞ୍ଜୀ" ଯାହା ଆୟୁର୍ବେଦ, ୟୁନାନି ଏବଂ ସିଦ୍ଧ ପ୍ରଣାଳୀରେ ଶିଶୁ ସ୍ମୃତିଶକ୍ତି ବୃଦ୍ଧି ଏବଂ ଅନେକ ହର୍ବାଲ୍, ଚର୍ମ ଯତ୍ନ ପାଇଁ ବ୍ୟବହୃତ ସାମଗ୍ରୀ ସହ ଲେମନ ଗ୍ରାସ ଅଏଲ ପରି ଜୈବିକ ବାସ୍ନା ହେଉଥିବା ସାମଗ୍ରୀ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରୁଛି । କନ୍ଧମାଳର ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ଦ୍ୱାରା ପରିଚାଳିତ ଷ୍ଟଲମାନଂକରୁ ହଳଦୀ, ରୋଷେଇ ମସଲା ଓ ଅନେକ ପାରମ୍ପରିକ ମସଲା କିଣି ଆଦିତ୍ୟ ମହାପାତ୍ର ନାମକ ଜଣେ ଗ୍ରାହକ ବେଶ୍ ଖୁସି ହୋଇଥିଲେ। ପ୍ରତିବର୍ଷ ମା'ଙ୍କ ସହ ଏହି କାର୍ଯ୍ୟକ୍ରମକୁ ଆସିବାକୁ ସେ ପସନ୍ଦ କରନ୍ତି ଏବଂ ନିଜ ଘରେ ଅଧିକରୁ ଅଧିକ ଜିନିଷ କିଣି ନେଇଥାଉ ବୋଲି ସେ କହିଛନ୍ତି । 'ଏସବୁ ସାମଗ୍ରୀକୁ ମାସ ମାସ ପର୍ଯ୍ୟନ୍ତ ବ୍ୟବହାର କରିଥାଉ କାରଣ ଆମେ ଅଧିକରୁ ଅଧିକ ସଂଗ୍ରହ କରିବା ପାଇଁ ଆଉ ଏକ ବର୍ଷ ଅପେକ୍ଷା କରିଥାଉ' ବୋଲି ସେ କହିଛନ୍ତି। ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରୁ ଆଦିବାସୀ ସ୍ୱୟଂ ସହାୟକ ଗୋଷ୍ଠୀମାନେ ପ୍ରତିକୂଳ ପାଗ ସତ୍ତ୍ୱେ ଏଠାକୁ ଆସୁଛନ୍ତି ଏବଂ ଲୋକଙ୍କ ସୁବିଧା ପାଇଁ ସେମାନେ ଷ୍ଟଲ ଖୋଲିଛନ୍ତି । ଏହା ଏକ ମହାନ ପ୍ରୟାସ ବୋଲି ଆଦିତ୍ୟ କହିଛନ୍ତି । ଓଡ଼ିଶାକୁ ଆସିବା ପରେ ଆଦିବାସୀ ସମ୍ପ୍ରଦାୟ ବିଶେଷକରି ରାଜ୍ୟର ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ ବା ପିଭିଟିଜି ମାନଙ୍କର ଆଦିବାସୀ ସଂସ୍କୃତି, ପରମ୍ପରା ଏବଂ ଅଭ୍ୟାସ ବିଷୟରେ ବୁଝିପାରିବା ମୋ ପାଇଁ ଏବଂ ମୋ ସହଯୋଗୀଙ୍କ ପାଇଁ ଏକ ଚମତ୍କାର ଅନୁଭୂତି ବୋଲି କହିଛନ୍ତି ଭୁବନେଶ୍ୱରରେ ରହି ଏକ ସ୍ୱେଚ୍ଛାସେବୀ ସଂଗଠନରେ କାମ କରୁଥିବା ସ୍ପେନର କାର୍ଲୋଟା ମାସୋ। ୨୦୧୮ ରୁ ଆମ ସଂଗଠନ ଆଦିବାସୀ ମେଳାରେ ଅଂଶଗ୍ରହଣ କରୁଛି ଏବଂ ମେଳା ସମୟରେ ପାଖାପାଖି ୩ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି ଏବଂ ଚଳିତ ବର୍ଷ ଆମେ ଅଧିକ ଲାଭ କରିବୁ ବୋଲି ଆଶା କରୁଛୁ। ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକଣା ଓ ଏହାର ଆଖପାଖ ପାହାଡ଼ରୁ ଆଦିବାସୀ ସମ୍ପ୍ରଦାୟ ଲୋକେ ଗୋଲମରିଚ, ଡାଲଚିନି (ଡାଲଚିନି), ତେଜପତ୍ର, ହଳଦୀ, ମାଣ୍ଡିଆ ଏବଂ ଅନ୍ୟାନ୍ୟ କ୍ଷୁଦ୍ର ବନଜାତ ଦ୍ରବ୍ୟ ସଂଗ୍ରହ କରିଥାଏ' ବୋଲି କହିଛନ୍ତି ରାୟଗଡା ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଅଧୀନ ଜେକେ ପୁର ଅଞ୍ଚଳର ମା' ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀର କସ୍ତୁରୀ କଦ୍ରାକା । ମେଳାରେ ଗଜବାହିନୀ ସ୍ୱୟଂ ସହାୟକ ଗୋଷ୍ଠୀର ମିଲେଟ୍ ମିକ୍ସର ଗ୍ରାହକଙ୍କୁ ଆକୃଷ୍ଟ କରୁଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପଲ୍ଲୀ ବ୍ଲକର ଏକ ସଂଗଠନ ଏଥର ଭଲ ବ୍ୟବସାୟ କରିବ ବୋଲି ଆଶା ରଖିଛି।

### ବିବାହ ବନ୍ଧନରେ ବାନ୍ଧିହେଲେ...

ଏହି ବିବାହ ଉତ୍ସବରେ ଓଡ଼ିଶା ସମେତ ଦେଶର ନାମୀଦାମୀ ଚେସ୍ ତାରକା ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଭୁବନେଶ୍ୱର ପଟିଆ ଅଞ୍ଚଳରେ ଏକ ହୋଟେଲରେ ପଦ୍ମିନୀ ଓ ଜୟକିଶିନଙ୍କ ବିବାହ ସମ୍ପନ୍ନ ହୋଇଛି। ୧୯୯୪ ମସିହା ଜାନୁଆରୀ ୫ ତାରିଖରେ କଟକ ଜିଲ୍ଲାରେ ବଡ଼ମ୍ବାଠାରେ ଜନ୍ମଗ୍ରହଣ କରିଥିଲେ ପଦ୍ମିନୀ। ୯ ବର୍ଷ ବୟସରୁ ଚେସ୍ ଖେଳିବା ଆରମ୍ଭ କରିଥିଲେ। ୧୧ ବର୍ଷରୁ କମ୍ ବୟସ ବର୍ଗରେ ୨୦୦୫ ମସିହାରେ ସେ ଜାତୀୟ ପ୍ରତିଯୋଗିତା ଜିତି ଥିଲେ। ଏହାଥିଲା ତାଙ୍କର ପ୍ରଥମ ଜାତୀୟ ପ୍ରତିଯୋଗିତା ବିଜୟ। ୨୦୦୬ ମସିହାରେ ସେ ୧୩ ବର୍ଷରୁ କମ୍ ଜାତୀୟ ପ୍ରତିଯୋଗିତା ଓ ୧୨ ବର୍ଷରୁ କମ୍ ଏସୀୟ ପ୍ରତିଯୋଗିତା ଜିତିଥିଲେ। ୨୦୦୮ ମସିହାରେ ପଦ୍ମିନୀ ୧୪ ବର୍ଷରୁ କମ୍ ବର୍ଗରେ ଉଭୟ ଏସୀୟ ପ୍ରତିଯୋଗିତା ଓ ବିଶ୍ୱ ଯୁବ ଚେସ୍ ପ୍ରତିଯୋଗିତାରେ ଭାଗ ନେଇ ଜିତିଥିଲେ। ୨୦୦୯ ମସିହାରେ ସେ ୨୦ ବର୍ଷରୁ କମ୍ ବର୍ଗରେ ଏସୀୟ ଜୁନିୟର ମହିଳା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ୨୦୧୦ରେ ସେ ୧୯ ବର୍ଷରୁ କମ୍ ବର୍ଗରେ ଜାତୀୟ ଜୁନିୟର ମହିଳା ପ୍ରତିଯୋଗିତା ଜିତିଥିଲେ। ସେହିବର୍ଷ ସେ ଉଭୟ ଏସୀୟ ଜୁନିୟର ମହିଳା ପ୍ରତିଯୋଗିତା ଓ ବିଶ୍ୱ ଜୁନିୟର ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଥିଲେ। ପଦ୍ମିନୀ ରାଉତ ଜାତୀୟ ମହିଳା ଚେସ୍ ଚାମ୍ପିୟନସିପ୍‌ରେ ଲଗାତାର ୨୦୧୪, ୨୦୧୫, ୨୦୧୬ ଓ ୨୦୧୭ ୪ ବର୍ଷ ଧରି ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ୨୦୧୫ ରେ ସେ ରାଜ୍ୟ ଗୋଷ୍ଠୀ ମହିଳା ଚାମ୍ପିୟନସିପ ଜିତିଥିଲେ।

### ସନ୍ଦେହରେ ଇଣ୍ଡିଆ...

କଂଗ୍ରେସର ଦାୟିତ୍ୱହୀନତା ଯୋଗୁଁ ନୀତୀଶ ମେଣ୍ଟ ଛାଡିବାକୁ ବାଧ ହେଲେ ବୋଲି ଜେଡିୟୁ ନେତାମାନେ କହୁଥିବାବେଳେ କଡା ସମାଲୋଚନା କରିଛନ୍ତି କଂଗ୍ରେସ ଓ ଆରଜେଡି ନେତା । ତେବେ ଇଣ୍ଡିଆ ମେଣ୍ଟରୁ ନୀତୀଶ ଓହରିଯିବା ପରେ ସୁଯୋଗର ହାତ ଛଡା କରିନାହାନ୍ତି ବିଜେପି ନେତା । ଇଣ୍ଡିଆ ମେଣ୍ଟ ଏକ କ୍ଷଣସ୍ଥାୟୀ ମେଣ୍ଟ କହି ସମାଲୋଚନା କରିଛନ୍ତି । ଏସବୁ ଭିତରେ ଇଣ୍ଡିଆ ମେଣ୍ଟରେ ସାମିଲ ଥିବା ଅନ୍ୟ ରାଜନୈତିକ ଦଳଙ୍କ ଆଗାମୀ ପଦକ୍ଷେପ କଣ ରହୁଛି ତା ଉପରେ ସାରାଦେଶର ନଜର ରହିଛି ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସମ୍ମିଳନୀ ଓ ପଥ ସଂଚଳନ




ବାଲେଶ୍ୱର, ୨୮/୧ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବାଲେଶ୍ୱର ଜିଲ୍ଲା ଦ୍ୱାରା ୨ ଦିବସିୟ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ୨୭ ତାରିଖ, ଶନିବାର ଦିନ ଜିଲ୍ଲାରେ ଥିବା ସମସ୍ତ ସଂଘ ଶାଖା ଟୋଲୀ ମାନଙ୍କର ବୌଦ୍ଧିକ ପ୍ରତିଯୋଗିତା ହୋଇଥିଲା । ୨୮ ତାରିଖ ଦିନ ଏକ ଭବ୍ୟ ଗୁଣାତ୍ମକ ପଥ ସଞ୍ଚଳନ ଚାନ୍ଦମାରୀ ପଡିଆରୁ ଆରମ୍ଭ ହୋଇ ପରମିଟ ପଡିଆ ଠାରେ ସମାପ୍ତ ହୋଇଥିଲା । ଏଥିରେ ଶାରୀରିକ ପ୍ରଦର୍ଶନୀ, ସମତା ଏବଂ ଘୋଷର ବିଭିନ୍ନ ରଚନା ସ୍ୱୟଂସେବକ ମାନଙ୍କ ଦ୍ୱାରା ପାରିବେଷିତ ହୋଇଥିଲା । ସର୍ବଶେଷରେ ପ୍ରକଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବାଲେଶ୍ୱର ଜିଲ୍ଲାର ଜିଲ୍ଲା କାର୍ଯ୍ୟବାହ ଶ୍ରୀ ବିଜୟ କୁମାର ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଏବିଏ କଲେଜର ନିର୍ଦ୍ଦେଶକ ଡା. କମଳାକାନ୍ତ ଆଚାର୍ଯ୍ୟ ଯୋଗଦେଇ ଆରଏସଏସ ଦ୍ୱାରା ରାଷ୍ଟ୍ର ସାଧନା କଥା ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବେ ଓଡିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ସଂଘ ଚାଳକ ଆଦରଣୀୟ ଶ୍ରୀମାନ ବିପିନ ପ୍ରସାଦ ନନ୍ଦ ତାଙ୍କ ଅଭିଭାଷଣରେ ଦୀର୍ଘ ୫୦୦ ବର୍ଷର ସଂଘର୍ଷ ପରେ ରାମ ଲାଲଙ୍କ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବା କେବଳ ହିନ୍ଦୁ ସମାଜର ସଫଳତା ନ ହୋଇ ରାଷ୍ଟ୍ରୀୟ ଅସ୍ମିତାର ପୁନଃରୁଥାନର ଆୟାମରମ୍ଭ ବୋଲି ମତ ପ୍ରକାଶ କରିଥିଲେ । ଶ୍ରୀରାମ କେବଳ ଭାରତର ଭଗବାନ ନୁହନ୍ତି, ଭାରତର ଆତ୍ମା । ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା ଦ୍ୱାରା ନବଭାରତର ଜାଗରଣ ଆରମ୍ଭ ହେବା ଓ ହିନ୍ଦୁ ସମାଜ ଏହା ଦ୍ୱାରା ଭାରତକୁ ପୁଣିଥରେ ନିଜର ସାଂସ୍କୃତିକ ପୁନଃରୁଦ୍ଧାରର ମାର୍ଗ ପ୍ରଶସ୍ତ କରି ଭାରତକୁ ପୁଣି ବିଶ୍ୱଗୁରୁ ଆସନରେ ଅବସ୍ଥାପିତ କରିବାକୁ ଅଣ୍ଟା ଭିଡ଼ିବା କେବଳ ସଂଯୋଗ ନୁହଁ, ଅସଂଖ୍ୟ ରାଷ୍ଟ୍ର ଭକ୍ତିଙ୍କ ଦ୍ୱାରା କରାଯାଇଥିବା ସମର୍ପଣ ଓ ବଳିଦାନର ଫଳ ବୋଲି ଶ୍ରୀ ନନ୍ଦ କହିଥିଲେ । ସର୍ବଶେଷରେ ଭାରତୀୟ ମାନଙ୍କୁ ନିଜର ନାଗରିକ ଅଧିକାର କଥା କହିବା ପୂର୍ବରୁ ପ୍ରତ୍ୟେକ ନାଗରିକଙ୍କୁ ସର୍ବନିମ୍ନ ନାଗରିକ ଶିଷ୍ଟାଚାର ବା କର୍ତବ୍ୟ ପାଳନ କରିବାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ । ୨୦୨୫ ରେ ସଂଘ ନିଜ ଶତ ବାର୍ଷିକ ପାଳନ କରିବ କିନ୍ତୁ ତା ପୂର୍ବରୁ ପ୍ରତ୍ୟେକ ସ୍ୱୟଂସେବକ ମାନନୀୟ ସରସଙ୍ଘ ଚାଳକଙ୍କ ଦ୍ୱାରା ଦିଆଯାଇଥିବା ପାଞ୍ଚଟି ବିନ୍ଦୁ ଯଥା ୧. ସାମାଜିକ ସମରସତା ୨. କୁଟୁମ୍ବ ପ୍ରବୋଧନ ୩. ପର୍ଯ୍ୟାବରଣ ର ସୁରକ୍ଷା ୪. ସ୍ୱ ର ଜାଗରଣ (ସ୍ୱଧର୍ମ ପାଳନ, ସ୍ୱ ଭାଷା, ସଂସ୍କୃତି, ସାହିତ୍ୟ, ସ୍ୱଦେଶୀ ଅବଲମ୍ବନର ପ୍ରସାର ଓ ସ୍ୱୀକୃତିର ବିକାଶ ) ଓ ୫ମ ରେ ନାଗରିକ କର୍ତ୍ତବ୍ୟ ପାଳନ କରିବାର ବାର୍ତ୍ତାକୁ ସମାଜ ପାଖରେ ପହଞ୍ଚାଇ ସମାଜର ପ୍ରତିବର୍ଗଙ୍କ ମଧ୍ୟରେ ସଚେତନତା ଆଣିବାକୁ ଆହ୍ୱାନ ଦେଇଥିଲେ । ଭାରତ ମାତାଙ୍କର ଜୟ ସେତେବେଳେ ସମ୍ଭବ ଯେତେବେଳେ ଭାରତମାତାଙ୍କର ସବୁଠୁ ଅବହେଳିତ, ଦୁର୍ବଳ ଓ ପଛୁଆ ସନ୍ତାନ ମାନେ ମୁଖ୍ୟ ଧାରାରେ ସାମିଲ ହେବେ । ହିନ୍ଦୁ କେବଳ ବାକ୍ୟ ରେ ହିନ୍ଦୁ ନ ହୋଇ ବ୍ୟବହାର ଓ ବିଚାରରେ ହିନ୍ଦୁ ହେଲେହିଁ ଭାରତ ପୁଣି ଥରେ ବିଶ୍ୱଗୁରୁ ଆସନ ଅଳଙ୍କୃତ କରିବ ବୋଲି ଶ୍ରୀ ନନ୍ଦ ମତବ୍ୟକ୍ତ କରିଥିଲେ । ମଞ୍ଚରେ ବାଲେଶ୍ୱର ଜିଲ୍ଲାର ମାନନୀୟ ଜିଲ୍ଲା ସଙ୍ଘଚାଳକ ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ଦାସମହାପାତ୍ର ଉପସ୍ଥିତ ଥିଲେ ।

ସୋମବାର, ଜାନୁଆରୀ ୨୯, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଫିଆଟ୍ - ଲକ୍ସ ଯୁବମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା: ସ୍ୱୟମଙ୍କ ଗୀତରେ ଝୁମିଲେ ଦର୍ଶକ

ନୀଳଗିରି , ୨୮/୧ (ନି.ପ୍ର): ଫିଆଟ - ଲକ୍ସ କ୍ଲବର ୩୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ବାର୍ଷିକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନାଚଗୀତ ସାଙ୍ଗକୁ ମୀନାବଜାରର ମଜା ଉଠାଉଛନ୍ତି ଅଞ୍ଚଳବାସୀ।ନୀଳଗିରି କେସି ହାଇସ୍କୁଲ ପଡିଆରେ କ୍ଲବର ସଭାପତି ସଞ୍ଜୀବ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ମହୋତ୍ସବ ତିନି ଦିନ ଧରି ଚାଲିବାକୁ ଥିବା ବେଳେ ଏହାର ଦ୍ୱିତୀୟ ସନ୍ଧ୍ୟାରେ କଂଗ୍ରେସର ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଫିଆଟ ଲକ୍ସ କ୍ଲବ ନୀଳଗିରି ବିକାଶର ମୁଖ୍ୟ ବିନ୍ଧାଣୀ ସାଜିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗଦେଇ ଯୁବ ସମାଜ ବିକାଶର ପରିଚାୟକ ବୋଲି କହିଥିଲେ। ସଭା ପରିସମାପ୍ତି ପରେ ଓଲିଉଡ ସୁପରଷ୍ଟାର ସିଙ୍ଗର ସ୍ୱୟମ ପାଢୀଙ୍କ ସୁମଧୁର କଣ୍ଠ ସଙ୍ଗୀତ ଏବଂ କମେଡିଆନ ସୁରେଶ କୁମାର ବେହେରା (କାଳିଆ ଷଣ୍ଢ)ଙ୍କ କମେଡିରେ ଉପସ୍ଥିତ ଦର୍ଶକ ହସି ହସି ବେଦମ ହୋଇଥିଲେ। କ୍ଲବର୍ ସମ୍ପାଦକ ତାପସ ପରିଡା, ଉପସଭାପତି ସୁମନ ଦାସ, ପୂର୍ବତନ ସଭାପତି ଧର୍ମେନ୍ଦ୍ର ମହାପାତ୍ର, ଦୀପ୍ତିକାନ୍ତ ପୃଷ୍ଟି, ସୁରଞ୍ଜନ ମହାପାତ୍ର, ସାହେବ ମର୍ଦ୍ଦରାଜ, ଶିଶିର ରାଉତ, ମାନସ ପାଢ଼ୀ, ରାଜେନ୍ଦ୍ର ଜେନା, ଆଇନ ପରାମର୍ଶଦାତା ବିନୟ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।


ରବିବାର ଉଦଯାପନୀ ଉତ୍ସବରେ ଓଲିଉଡ ସୁପରଷ୍ଟାର ସିଦ୍ଧାନ୍ତ ମହାପାତ୍ର ଏବଂ ସାଥୀ, ଓଡ଼ିଆ ତରୁଣ ତରୁଣୀ ମାନଙ୍କର ଧଡକନ୍ ଯୁବକଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ସୁଲଳିତ କଣ୍ଠର ଯାଦୁରେ ଦର୍ଶକ ବିଭୋର ହେବେ ବୋଲି ଆୟୋଜକଙ୍କ ତରଫରୁ ଜଣାଯାଇଛି।

# ବାଲେଶ୍ୱର ସିଭିଲ୍ ସୋସାଇଟିର ଏକାଦଶ ସମ୍ମିଳନୀ ମହା ସମାରୋହରେ ଅନୁଷ୍ଠିତ

ବାଲେଶ୍ୱର, ୨୮/୧ (ନି.ପ୍ର): ଅନ୍ୟାୟ, ଅତ୍ୟାଚାର, ଅବିଚାର ବିରୋଧରେ ଓ ମଣିଷର ମୌଳିକ ଅଧିକାରରୁ ବଞ୍ଚିତ ମଣିଷର ସ୍ୱର ହିଁ ହେଉଛି ସିଭିଲ୍ ସୋସାଇଟିର ସ୍ୱର ବୋଲି ରବିବାର ଦିନ ସିଭିଲ୍ ସୋସାଇଟିର ଏକାଦଶତମ ବାର୍ଷିକ ସମ୍ମିଳନୀ ଅବସରରେ ଅତିଥି ଓ ବକ୍ତାମାନେ ମତ ପ୍ରଦାନ କରିଛନ୍ତି। ପୋଲିସ୍ ଲାଇନ୍ ଛକ ନିକଟସ୍ଥ ଡ. ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାର୍ଶ୍ୱରେ ଅପରାହ୍ନରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରବୀଣ ଆଇନଜୀବୀ ତଥା ସୁସାହିତ୍ୟିକ କୃଷ୍ଣଚନ୍ଦ୍ର ନାୟକ, ବରିଷ୍ଠ ଆଇନଜୀବୀ ଶରତ କୁମାର ମହାପାତ୍ର, ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସଂପାଦକ ଦାମୋଦର ନାୟକ ଓ ଆଇନଜୀବୀ ତଥା ସାମାଜିକ କର୍ମୀ ଉର୍ମିଳା ମାଝୀ ପ୍ରମୁଖ ଏହି ମତବ୍ୟକ୍ତ କରିଥିଲେ। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂପାଦକ ମନୋଜ ନାୟକ ସିଭିଲ୍ ସୋସାଇଟି ବିଭିନ୍ନ ଜନଦାବିରେ ଗତ ୧୨ବର୍ଷର ଗୌରବମୟ ସଂଗ୍ରାମର ବିବରଣୀ ଉପସ୍ଥାପିତ କରି



ସମସ୍ୟା ସମାଧାନ ଦିଗରେ ସମସ୍ତ ବର୍ଗର ଜନତାଙ୍କ ସହଯୋଗ କାମନା କରିଥିଲେ। ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ କୋଷାଧ୍ୟକ୍ଷ ସନ୍ତୋଷ ସାହୁ ଧନ୍ୟବାଦ ଦେଇଥିଲେ। ସାଧାରଣ ସଭା ପୂର୍ବରୁ ଅତିଥିମାନେ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବ୍ୟଙ୍ଗକବି ପ୍ରଭାକର ସାହୁ ବର୍ତ୍ତମାନର ସାମାଜିକ ବ୍ୟବସ୍ଥାକୁ ନେଇ କବିତାପାଠ କରିଥିଲେ। ପୂର୍ବାହ୍ନରେ ପ୍ରତିନିଧି ଅଧିବେଶନରେ ଉଦ୍‌ଘାଟକ ଭାବେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ୧୧ତମ ବାର୍ଷିକ ଅଧିବେଶନକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ଜନସାଧାରଣଙ୍କ ସହଯୋଗ ମିଳିଲେ ସମାଜର ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ସିନ୍ଧେ ମତ ଦେଇଥିଲେ। ଏହି ଅବସରରେ ସମାଜକୁ ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ନୃତ୍ୟ ସଂଗୀତ କଳା ମନ୍ଦିରର ପରିଚାଳନାରେ ଅର୍ଦ୍ଧ ଶତାବ୍ଦୀ ଧରି ନେତୃତ୍ୱ ନେଇଆସିଥିବା ଶରତ ଚନ୍ଦ୍ର ଦାଶ, ଆଶୁ କବି ତଥା ଗବେଷକ ସର୍ବେଶ୍ୱର ଦାସ ଓ ଶ୍ରମିକ ନେତା ତଥା ସାମାଜିକ କର୍ମୀ ଶ୍ୟାମସୁନ୍ଦର ଜେନାଙ୍କୁ ସୋସାଇଟି ପକ୍ଷରୁ ଜିଲ୍ଲାପାଳ ସମ୍ବର୍ଦ୍ଧିତ କରିଥିଲେ। ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିନିଧି ଅଧିବେଶନରେ ସଂପାଦକ ମନୋଜ ନାୟକ ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ଗୌରାଙ୍ଗ ପାଣିଗ୍ରାହୀ ଅତିଥି ଓ ବକ୍ତାମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ସଂପାଦକଙ୍କ ବିବରଣୀ ଉପରେ ସର୍ବଶ୍ରୀ ବିପ୍ଳବ କୁମାର ମହାନ୍ତି, ଅନୁଜ ମହାପାତ୍ର, ଲକ୍ଷ୍ମୀନାରାୟଣ ଘୋଷ, ସୁରେନ୍ଦ୍ର ନାଥ ପଣ୍ଡା ଆଇନଜୀବୀ ଶରତ ମହାପାତ୍ର ଓକିଲ ସଂଘର ସଂପାଦକ ଦୀପକ କୁମାର ଦାଶ, ସରସ୍ୱତୀ ପଣ୍ଡା, ଭାରତୀ ପଣ୍ଡା, ଯଶୋଦା ନନ୍ଦନ ଆଶ୍, ସୁକାନ୍ତି ଭକ୍ତା, ବନ୍ଦନା ପାତ୍ର, ବିଜୟ ବେହେରା, ଜଗଦୀଶ ବାରିକ, ରବୀନ୍ଦ୍ରନାଥ ବେରା, ଇଂ. ପ୍ରତାପ ଚନ୍ଦ୍ର ନାୟକ, ବିଜୟ ପାଣିଗ୍ରାହୀ, ଗଣେଶ ଚନ୍ଦ୍ର ଜେନା, ସୋମନାଥ ନାୟକ, ଅରୁଣ ଜେନା, ବିଧାନ ରାୟ, ଅଧ୍ୟାପକ ଦିଲ୍ଲୀପ ରଥ, ସୋନାଲି ନାୟକ, ମିତା ନାୟକ, ଡ. କ୍ଷିତିଶ୍ୱର ଦାଶ, ବାସନ୍ତୀ ସାମଲ, ନିକୁଞ୍ଜ ମହାନ୍ତି, ବିକାଶ ଦାସ, ଇଂ. ଗୋପୀନାଥ ରଣା, ପ୍ରଦୀପ କୁମାର ଚାଟାର୍ଜୀ, ଗଙ୍ଗାଧର ଦଳାଇ, ଗୋପୀନାଥ ଶତପଥୀ, ବେଣୁଧର ସାହୁ ଓ ନିର୍ମଳ ଚନ୍ଦ୍ର ଧଳ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରି ବିଦ୍ୟୁତ୍ ସେବା, ରେଳଷ୍ଟେସନର ବିକାଶ, ସହରର ଜଳ ନିଷ୍କାସନ ସମସ୍ୟା, ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ, ଓ.ଟି.ରୋଡ୍‌ର ସଂପ୍ରସାରଣ, ବନ୍ଦ ଥିବା କଳକାରଖାନାକୁ ଚାଲୁ କରିବା, ସରକାରୀ ସ୍ତରରେ ଦୁର୍ନୀତିକୁ ବନ୍ଦ କରିବା ପ୍ରଭୃତି ସମସ୍ୟାର ସମାଧାନ ପାଇଁ ସିଭିଲ୍ ସୋସାଇଟି ଗୁରୁତ୍ୱ ଦେବାକୁ ମତ ଦେଇଥିଲେ।

# ଅଲ ଇଣ୍ଡିଆ ଫିଜଓ ଥୋରାପି କ୍ରିକେଟ ଲିଗ: ଉତ୍ତର ପ୍ରଦେଶ ଚମ୍ପିୟାନ ଓ ଓଡିଶା ରନର୍ସଅପ

ଖୋର୍ଦ୍ଧା , ୨୮/୧ (ନି.ପ୍ର): ଖୋର୍ଦ୍ଧାର କେଟି ଗ୍ଲୋବାଲ ଷ୍ଟାଡିଅମ ଠାରେ ଚାଲିଥିବା ପ୍ରଥମ ଅଲ ଇଣ୍ଡିଆ ପ୍ରଫେସନାଲ ଫିଜଓ ଥୋରାପି କ୍ରିକେଟ ଲିଗର ଫାଇନାଲ ମ୍ୟାଚରେ ଓଡିଶା ଫିଜଓ ଥୋରାପି କ୍ରିକେଟ ଦଳକୁ ହରାଇ ଉତ୍ତର ପ୍ରଦେଶ ଫିଜଓ ଥୋରାପି କ୍ରିକେଟ ଦଳ ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଙ୍ଗ କରି ୟୁପି ଦଳ ନିର୍ଦ୍ଧାରିତ ୭ ଓଭରରେ ଚାରିଗୋଟିୱିକେଟ ହରାଇ ୭୨ ରନ କରିଥିଲେ, ଜବାରେ ଓଡିଶା ଦଳ ନିର୍ଦ୍ଧାରିତ ଓଭରରେ ୩ୱିକେଟ ହରାଇ ୬୦ ରନ କରିଥିଲା । ମୁଖ୍ୟ ଅତିଥି ଭାବେ ଆଇ.ଏମ.ଏସ ଏବଂ ସମ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର, ସଂମ୍ମାନିତ ଅତିଥିଭାବେ କେଟି ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ଡ଼ଃ ଦୀପ ଖେର ଓ ଗ୍ଲାସ ଆଣ୍ଡ ଗ୍ଲାସ କଟକର ଡ଼ଃ ଚନ୍ଦନ ତ୍ରିପାଠୀ ପ୍ରମୁଖ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ



କରିଥିଲେ । ଏହି ଅଲ ଇଣ୍ଡିଆ ପ୍ରଫେସନାଲ ଫିଜଓ ଥୋରାପି କ୍ରିକେଟ ଲିଗରେ ଉତ୍ତର ପ୍ରଦେଶ, ଓଡିଶା ଓ ବିହାର ଦଳ ଭାଗ ନେଇଥିଲେ । ଏହି ଅବସରରେ ପ୍ରଫେସନାଲ ଫିଜଓ ଥୋରାପିରେ ଉଲେଖନୀୟ ଅବଦାନ ପାଇଁ ଗେଟ ଆଲାଇଭ ଡାକ୍ତର ପ୍ରଭରଞ୍ଜନ ରାୟ ସାମନ୍ତ (ପି.ଟି.), ସମ ହସ୍ପିଟାଲର ଡାକ୍ତର ସ୍ମିତି ପ୍ରଜ୍ଞା ଦଳବେହେରା (ପି.ଟି.), ଡାକ୍ତର ସୂର୍ଯ୍ୟା ପ୍ରତାପ ସ୍ୱାଇଁ(ପି.ଟି.),ଡାକ୍ତର ସାଗର ସ୍ୱାଇଁ(ପି.ଟି.), ଡାକ୍ତର ରାକୁଲ ରଞ୍ଜନ ନନ୍ଦ(ପି.ଟି.)ଙ୍କୁ ମୁଖ୍ୟଅତିଥି ମାନ ପତ୍ର ଓ ଉପଢ଼ୌକନ ଦେଇ ସଂମ୍ମାନିତ କରିଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଫିଜିଓ ଫିଟ ତୋ ଇଣ୍ଡିଆ ହିଟ ' ମିଶନରେ ଜୋନାଲ କ୍ରୀଡ଼ାକୁ ଇଣ୍ଡିଆନ ରିନେବୁଲ ଏନର୍ଜି ଡେଭଲୋମେଣ୍ଟ ଏଜେନସି ଲିଃ ଆୟୋଜିତ କରିଥିବା ବେଳେ ସୋୟା ବିଶ୍ୱବିଦ୍ୟାଳୟ ଓ ଗେଟ ଅଲାଇଭ ଏହାକୁ ସହଯୋଗ କରିଥିଲେ ।

## ବରିଷ୍ଠ ନାଗରିକ ପରିଷଦ ବାଲିଆପାଳ ମାସିକ ବୈଠକ ଓ ବନ୍ଧୁମିଳନ

ବାଲିଆପାଳ, ୨୮/୧ (ନି.ପ୍ର): ବାଲିଆପାଳର ବରିଷ୍ଠ ନାଗରିକ ପରିଷଦ ତରଫରୁ ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ନବବର୍ଷର ବନ୍ଧୁ ମିଳନ ଓ ମାସିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ପରିଷଦର ସ୍ଥାଇ ସଭାପତି ନାରାୟଣ ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ । ପରିବେଶକୁ ସ୍ୱଚ୍ଛ କରିବା ଓ ମାତୃଭାଷା ଓଡ଼ିଆ କୁ ବ୍ୟାହୁଳା ଭାବରେ ସ୍ଥାନୀୟ ଦୋକାନ ମାନଙ୍କରେ. ଫଳକରେ ବ୍ୟବହାର କରିବାକୁ ପଦଯାତ୍ରା ମାଧ୍ୟମରେ ବୁଝାଇବାକୁ ନିଷ୍ପତ୍ତି ନିଆଯାଇଥିଲା ।ଏହାଛଡା ପ୍ରତ୍ୟେକ ସରକାରିଭୁକ୍ତ ବରିଷ୍ଠ ନାଗରିକଙ୍କୁ ପଚାଶ ହଜାର ଟଙ୍କା ମିଳିବାର ସରକାର ଯେଉଁ ଘୋଷଣ କରିଛନ୍ତି ତାହା ତୁରନ୍ତ ମିଳିବାକୁ ଦାବି କରାଯାଇଥିଲା। ଏଥିରେ ସମ୍ପାଦକ ବଂକିମ ଉପସଭାପତି ପୂର୍ଣଚନ୍ଦ୍ର ରାଜ ଶିକ୍ଷାବିତ ଚିତ୍ତରଞ୍ଜନ ଦାସ ଅନନ୍ତ ଗିରି ସନ୍ୟାସୀ ବେହେରା ଶ୍ରୀହରିମଣ୍ଡଳ ବୀରମାଧବ ଦାସ କୁଞ୍ଜ କାନ୍ତ ପାତ୍ର ଶମ୍ଭୁନାଥ ଗିରି ରାଜକୃଷ୍ଣ ପାତ୍ର ବିଜୟ କୁମାର ଦେ ଆଦି ଅବସର ପ୍ରାପ୍ତ ଶିକ୍ଷାବିତ ଯୋଗ ଦେଇଥିଲେ । ଶେଷରେ ସହ ସମ୍ପାଦକ କାର୍ତ୍ତିକ ରାଉତ ଧନ୍ୟବାଦ ଦେଇଥିଲେ।

## ବିନୋଦ ମହାରାଣାଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ କଂଗ୍ରେସ ସଭାପତି

ଭୁବନେଶ୍ୱର, ୨୮/୧ (ନି.ପ୍ର): ପଦ୍ମଶ୍ରୀ ପୁରସ୍କାର ପାଇବାକୁ ଥିବା ଓଡ଼ିଶାର ପ୍ରଥମ ପଟ୍ଟଚିତ୍ର ଶିଳ୍ପୀ ଶ୍ରୀ ବିନୋଦ ମହାରାଣା ଙ୍କୁ ଓଡିଶା ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଓ କଂଗ୍ରେସ ନେତୃବୃନ୍ଦ ପୁରୁଣା ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନ କୁ ଯାଇଁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି। ପିସିସି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି ।

# ଆମ ଓଡ଼ିଶା ଓ ନବୀନ ଓଡିଶା ପଞ୍ଚାୟତସ୍ତରୀୟ ସଚେତନତା



ବଡ଼ସାହି , ୨୮/୧ (ନି.ପ୍ର): ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପର୍ଯ୍ୟାୟ କ୍ରମେ ଏହି କାର୍ଯ୍ୟକ୍ରମ ଗତ ୨୪ ତାରିଖ ରୁ ଆରମ୍ଭ ହୋଇ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତ ଗୁଡିକ ରେ ଆୟୋଜିତ ହେବ। କାର୍ଯ୍ୟକ୍ରମ ରେ ବିଡିଓ କରୁଣାକର ଧିନ୍ଦା ଯୋଗ ଦେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟମରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତତ୍ ସହିତ ସରକାର ଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଏଲସିଡି ଓ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ନୋଡାଲ ଅଫିସ ମାନେ କାର୍ଯ୍ୟକ୍ରମ କୁ ପରିଚାଳନା କରିଛନ୍ତି। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷା, ବ୍ଲକ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆର ଏସ୍ ପ୍ରମୁଖ ଉପସ୍ଥିତ ଥିଲେ। ସାନଖୁଣ୍ଟା, ଶୀଳଘାଟି, ପୁରୁଣା ବାରିପଦା, ଆରପଟା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇ ଯାଇଛି। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଜନ ସାଧାରଣ କୁଂ ଅବଗତ କରାଇଥିଲେ।

# ରାସ୍ତା ନବୀକରଣରେ ମନ୍ଥରତା: ମରଣଯନ୍ତା ପାଲଟିଛି ୧୯ ନଂ ରାଜ୍ୟ ରାଜପଥ

ନୀଳଗିରି, ୨୮/୧ (ନି.ପ୍ର): ନୀଳଗିରି ବାସୀଙ୍କ ଦୀର୍ଘଦିନର ଆଶାକୁ ପୂରଣ କରିବାକୁ ଯାଇ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଶେରଗଡ ଠାରୁ ଝରଣାଘାଟୀ ୧୯ ନଂ ରାଜ୍ୟରାଜପଥକୁ ସମ୍ପ୍ରସାରଣ ସହିତ ନୂତନ ପ୍ରସ୍ତୁତି ପାଇଁ ୧୨୫ କୋଟି ଟଙ୍କା ର ଏକ ପ୍ରକଳ୍ପ କେନ୍ଦ୍ର ରାଷ୍ଟମନ୍ତ୍ରୀ ଭିକେ ସିଂଙ୍କ ଦ୍ୱାରା ୨୦୨୩ ମସିହା ଜୁଲାଇ ୨୯ ତାରିଖରେ ଉଦଘାଟନ କରିଥିଲେ ।ରାଷ୍ଟ୍ରମନ୍ତ୍ରୀ ଭିକେ ସିଂ କହିଥିଲେ କି ଏହି ପ୍ରକଳ୍ପ ହେଉଛି ଏହି ଅଞ୍ଚଳ ପାଇଁ ଏକ ବିକଶିତ ପଥ । ଏହାକୁ ନିଜ କାର୍ଯ୍ୟ ଭାବି କରିଲେ କୌଣସି ଦୁର୍ନୀତି ହେବ ନାହିଁ । ନୀଳଗିରି ହେଉଛି ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରର କେନ୍ଦ୍ର ବିନ୍ଦୁ ସାଜିଥିବା ବେଳେ ପ୍ରତ୍ୟହ ଉକ୍ତ ରାସ୍ତା ଦେଇ



ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଗାଡି ଯାତାୟତ କରୁଥିବା ବେଳେ କଳାକାଦ ଛକଠାରୁ ଝରଣାଘାଟୀ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା କହିଲେ ନସରେ। ଅନେକ ସ୍ଥାନରେ ରାସ୍ତାରେ ବଡ ବଡ ଗାତ ସୃଷ୍ଟିହୋଇଛି ।ଫଳରେ ଅଧିକାଂଶ ସମୟରେ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି ।କିଛି ଦିନ ତଳେ ଜଣେ ବଙ୍ଗୀୟ ପର୍ଯ୍ୟଟକ ମଧ୍ୟ ଉକ୍ତ ରାସ୍ତା ଖରାପ କାରଣରୁ ଦୁର୍ଘଟଣାରେ ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ। ବାରାମ୍ୱାର ସ୍ଥାନୀୟ ଲୋକେ ଠିକାଦାରଙ୍କୁ ରାସ୍ତା ମରାମତି କରିବା ପାଇଁ ଅଭିଯୋଗ କରୁଥିଲେ ମଧ୍ୟ ଏଯାବତ କୌଣସି ଫଳପ୍ରଦ ପଦକ୍ଷେପ ନିଆଯାଇନାହିଁ। ଅନେକ ସମୟରେ କେବଳ ବଡ ଗର୍ତ୍ତ ଗୁଡିକରେ ଡଷ୍ଟ ଗୁଣ୍ଡ କିମ୍ବା ସିମେଣ୍ଟର ପ୍ୟାଚ ପକାଯାଇ ଛାଡିଦିଆଯାଉଛି। ଯାହାଫଳରେ କିଛି ଦିନ ମଧ୍ୟରେ ସମସ୍ତ ଡଷ୍ଟ ଗୁଣ୍ଡ ଓ ସିମେଣ୍ଟ ପ୍ୟାଚିଂ ଛାଡି ଯାଇ ପୁଣି ଗର୍ତ୍ତରେ ପରିଣତ ହେଉଛି। ଯାହାଫଳରେ ୬ରୁ ୭ ମାସ ହେବ ରାସ୍ତାର ଏଭଳି ଦୂରାବସ୍ଥା ହୋଇଥିଲେ ମଧ୍ୟ ଏଯାବତ କୌଣସି ପ୍ରତିକାର କରାଯାଇନାହିଁ। ଜିଲ୍ଲାପାଳ ତୁରନ୍ତ ଉକ୍ତ କାର୍ଯ୍ୟରେ ଦୃଷ୍ଟି ଦେଇ ପ୍ରତିକାର କରିବା ପାଇଁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି।

# ବରିଷ୍ଠ ନାଗରିକ ମଂଚର ବାର୍ଷିକ ସମ୍ମିଳନୀ

## ମୟୂରଭଂଜ ବିଭାଜନକୁ ବିରୋଧ, ୪ଟି ବିଧାନସଭା ମଣ୍ଡଳିକୁ ସାଧାରଣ ବର୍ଗ କରିବାକୁ ଦାବି

ଉଦଳା , ୨୮/୧ (ନି.ପ୍ର): ମୟୁରଭଂଜ ଜିଲ୍ଲା ବରିଷ୍ଠ ନାଗରିକ ମଂଚ ସମୂହର ତୃତିୟ ବାର୍ଷିର୍କ ସମ୍ମିଳନୀ - ୨୦୨୪ ଆଜି ଜାନୁଆରି ୨୮ ତାରିଖ ରବିବାର ଦିନ ସ୍ଥାନୀୟ ତୁଳସି କଲ୍ୟାଣ ମଣ୍ଡପ ପରିସରେର ଅନୁଷ୍ଠିତ ହୋଇ ଯାଇଛି । ଉଦଳା ବରିଷ୍ଠ ନାଗରିକ ସଂଘ ଆଜିର କାର୍ଯ୍ୟକ୍ରମ ଅୟୋଜନର ନେତୃତ୍ୱ ନେଇଥିଲେ । ସମଗ୍ର ଜିଲ୍ଲାର ବିଭିନ୍ନ ସ୍ଥାନରୁ ଶତାଧିକ ବରିଷ୍ଠ ନାଗରିକ ଉକ୍ତ ସମ୍ମିଳନୀରେ ଯୋଗେଦେଇଥିଲେ। ଉଦଳା ସଂଗର ସଭାପତି ଜୟଚନ୍ଦ୍ର ପତ୍ରି ଏହି ସମ୍ମିଳନୀରେ ଅଧ୍ୟକ୍ଷତା କରି ଗତ ୨୦୨୨ ମସିହା ଡ଼ିସେମ୍ୱର ୧୨ ତାରିଖ ଦିନ ବାରିପଦା ସ୍ଥିତ ସ୍ୱାଗତିକା ସଭାଗୃହେର 'ମୟୂରଭଂଜ ଜିଲ୍ଲା ବରିଷ୍ଠ ନାଗରିକ ମଂଚ' କିପରି ଜନ୍ମଗ୍ରହଣ କରିଥିଲା । ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମେଢ଼ଇ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଯଥାକ୍ରେମ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭବେ ଯୋଗ ଦେଇ ମୟୂରଭଂଜର ସାମଗ୍ରିକ ବିକାଶ ପାଇଁ ବରିଷ୍ଠ ନାଗରିକ ମଂଚର




ଦାବିକୁ ସମଥର୍ନ ଜଣାଇବା ସହିତ ଜିଲ୍ଲାର ବିଭାଜନକୁ ବିରୋଧ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଉଦଳା ସଂଘର ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ମୟୂରଭଂଜ ଜିଲ୍ଲା ମଧ୍ୟେର ଥିବା ବିଧାନସଭା ନିର୍ବାଚନ ମଣ୍ଡଳି ମଧ୍ୟରୁ ୪ଟି ନିର୍ବାଚନ ମଣ୍ଡଳିକୁ ସାଧାରଣ ବର୍ଗଙ୍କ ପାଇଁ ରଖିବାକୁ ବରିଷ୍ଠ ନାଗରିକ ମଂଚ ଦାବି କରୁଛି ବୋଲି ଅବଗତ କରାଇଥିଲେ । ଏହା ସହିତ ମଂଚର ଦାବି ଫଳେର ଏବେ ନିଳଗିରି – କପ୍ତିପଦା- ଉଦଳା ରେଳପ୍ରକଳ୍ପ ସେର୍ଭ ଚାଲିଛି ଏବଂ ରାସେଗୋବିନ୍ଦପୁର ଏୟାରଷ୍ଟ୍ରିପ ନିର୍ମାଣ ପାଇଁ ଓଡ଼ିଶା ସରକାର ୨୫ କୋଟି ଟଙ୍କା ଓ ବେସାମରିକ ବିମାନ ଚଳାଚଳ ବିଭାଗ ୪୪ କୋଟି ଟଙ୍କା ମଂଜୁର କରିଥିବାର ସୂଚନା ପ୍ରଦାନ କରିଥିଲେ । ଶେଷେର ଏବେ ମଧ୍ୟ ବହୁ ବୟସ୍କ, ବିଧବା ଓ ଭିନ୍ନକ୍ଷମ ବ୍ୟକ୍ତି ସରକାର ଯୋଗାଇ ଦେଉଥିବା ସାମାଜିକ ସୁରକ୍ଷା ଯୋଜନାରେ ଭତା, ଖାଦ୍ୟ ଯୋଜନାରେ ଚାଉଳ ଓ ଆବାସ ଯୋଜନାରେ ଘର ପାଇବାରୁ ବଂଚିତ ଅଛନ୍ତି । ସେହିପରି ବାପା ମା'ଙ୍କୁ ହରାଇଥିବା ବହୁ ପିଲା ଏବେ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ଏ ବାବଦେର ନିୟମିତ ବିଭିନ୍ନ ସମ୍ବାଦପତ୍ର ମାନଙ୍କେର ଖବର ପରବେଷିତ ହେଉଥିବାର ଦେଖିବାକୁ ମିଳୁଛି । ଏଥିପାଇଁ ମଂଚ ତରଫରୁ କ୍ଷୋଭ ପ୍ରକାଶ ପାଇଥିଲା । ଆଗକୁ ନିର୍ବାଚନ ଆସୁଥିବାରୁ ଏତିକି ବେଳେ ବରିଷ୍ଠ ନାଗରିକ ମଂଚର ଦାବି ନିଶ୍ଚିତ ରୂପେ ସରକାରଙ୍କ ଉପେର ପ୍ରଭାବ ପକାଇବ ବୋଲି ସାଧାରଣେର ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳୁଛି । ପ୍ରାରମ୍ଭେର ମଂଚର ସାଧାରଣ ସଂପାଦକ ଡ୍. ଶ୍ୟାମସୁନ୍ଦର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଶେଷେର ଧନ୍ୟବାଦ ଅପର୍ଣ କରିଥିଲେ ।

# ଭଗବାନପୁରରେ ୨୫ ତମ ବାର୍ଷିକ ବନ୍ଧୁମିଳନ ଉତ୍ସବ



ବସ୍ତା, ୨୮/୧ (ନି.ପ୍ର): ରୁପସା ଏଫସିଆଇ ନିକଟ ଭଗବାନପୁର ଗ୍ରାମ ମହାପାତ୍ର ଫାର୍ମ ହାଉସ ବୈଠକ ବଙ୍ଗଳାରେ ରୂପସା ଆଞ୍ଚଳିକ ବିଭିନ୍ନ ସଂଗଠନର ୨୫ ତମ ବାର୍ଷିକ ବନ୍ଧୁମିଳନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଉତ୍ସବରେ ଗ୍ରାମର ପ୍ରତିଷ୍ଠାତା ତଥା ଆମ ପରିବାରର ମୁଖ୍ୟ ଭଗବାନ ମହାପାତ୍ର ପୌରାହିତ୍ୟ କରି ନିଜର ସାଧନା ଓ ଉଦ୍ୟମ ବଳରେ ସଫଳତା ନିଶ୍ଚିତ ବୋଲି କହିଥିଲେ । ମୁଖ୍ୟ ଅତିଥି ଓରିପୋଲ ଇଣ୍ଡଷ୍ଟ୍ରିଜର ଏମଡି ଆଦିତ୍ୟ ବେହେରା,ମୁଖ୍ୟ ବକ୍ତା ସାହିତ୍ୟିକ ସୃଷ୍ଟିଧର ପରିଡା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ପତ୍ରିକାର ପ୍ରକାଶକ ତଥା ବିଶିଷ୍ଟ ଲେଖକ କିଶୋର ମହାପାତ୍ର, ମୁଖ୍ୟ ସମ୍ପାଦକ ସାହିତ୍ୟିକ ଶାନ୍ତନୁ ପଟ୍ଟନାୟକ,ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟ ବିକାଶ କ୍ଷେତ୍ରରେ ଓଡ଼ିଆ ପତ୍ର ପତ୍ରିକାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ରୂପସା ଆଞ୍ଚଳିକ ଆମ ପରିବାର ଆନୁକୂଲ୍ୟରେ ପ୍ରକାଶିତ 'ଆମ ପରିବାର ଓ ଆମ ପଞ୍ଚାୟତ ପତ୍ରିକା' ଏବଂ ଭଗବାନ ମହାପାତ୍ରଙ୍କ ରଚିତ 'ମୋ ଆଦରର ଚାରୋଟି ଗ୍ରାମ ଓ ରାଜଧାନୀ ଭୁବନେଶ୍ୱର' ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ । ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ । ଛାତ୍ରୀ ନିବେଦିତା ମହାପାତ୍ର ବିବରଣୀ ପାଠ କରିଥିଲେ କ୍ଷ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ପ୍ରାକ୍ତନ ଟେଲିସେବା ଅଧିକାରୀ ସୁଧାକର ଗିରି, ପ୍ରାକ୍ତନ ପିଇଓ ବୃନ୍ଦାବନ ପଣ୍ଡା ଓ କରୁଣାକର ସ, ସାମ୍ବାଦିକ ବାଞ୍ଛାନିଧି ଦେ, ପୂର୍ବତନ ଅଧିକାରୀ ଅକ୍ଷୟ କୁମାର ମିଶ୍ର, ଗଛ ମଣିଷ ରବୀନ୍ଦ୍ର ବେହେରା, ନିରଞ୍ଜନ ବାରିକ, ଯୋଗୀ ପରମାନନ୍ଦ ବାରିକ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଶିକ୍ଷକ ବିଶ୍ୱନାଥ ପ୍ରଧାନ, ଅନ୍ତର୍ଯ୍ୟାମୀ ମହାପାତ୍ର, ସୁଦର୍ଶନ ମହାପାତ୍ର, ଚକ୍ରଧର ମହାପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo